# ଷଣ୍ଢର ଗୋଡ଼ ହାଣିଦେବାକୁ ନେଇ ଚାପା ଉତ୍ତେଜନା



ଗ୍ରାମବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି ।



ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି ।

- ଟାୟାର ଜାଳି ୫ ଘଣ୍ଟାରୁ ଉର୍ଦ୍ଧ୍ୱ ରାସ୍ତା ଅବରୋଧ
- ଥାନାରେ ୩ ଅଟକ
- ବାଲି ପକାଇ ଘଟଣା ଚପାଇବାକୁ ଉଦ୍ୟମ



ଆହତ ଷଣ୍ଢର ଚିକିତ୍ସା କରାଯାଉଛି ।

**ଯାଜପୁର ଟାଉନ/ଯାଜପୁର ସଦର,୨୧।୧୨(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ):**

ଏକ ଷଣ୍ଢର ଗୋଡ଼କୁ କେହି ଦୁର୍ବୃତ୍ତ ହାଣିଦେବାକୁ କେନ୍ଦ୍ରକରି ଯାଜପୁର ବ୍ଲକ ନାଥସାହି ପଞ୍ଚାୟତ ଅଡ଼ଙ୍ଗ ପୁରୁଷୋତ୍ତମପୁର ଗ୍ରାମରେ ରବିବାର ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଲୋକେ ଟାୟାର ଜାଳି ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରାସ୍ତା ଅବରୋଧ କରିଛନ୍ତି। ଯାଜପୁର ସଦର ପୋଲିସ ୩ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ସକାଳେ ଅଡ଼ଙ୍ଗ ପୁରୁଷୋତ୍ତମପୁରର ସେକ୍ ମହଲା ମସଜିଦ୍ ନିକଟରେ କେହି ଦୁର୍ବୃତ୍ତ ଏକ ଷଣ୍ଢର ପଛପଟ ଡାହାଣ ଗୋଡ଼କୁ ହାଣି ଦେଇଥିଲେ। ଏହାକୁ କେନ୍ଦ୍ରକରି ଗ୍ରାମର ଲୋକେ ଉତ୍ତ୍ୟକ୍ତ ହେବା ସହ ଅଡ଼ଙ୍ଗ ସେତୁ ଉପରେ ବାଉଁଶ ବାନ୍ଧି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଯାଜପୁର ସଦର ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାଧିକାରୀ ପହଞ୍ଚି ଷଣ୍ଢର ଚିକିତ୍ସା କରିଥିଲେ। ଚାପା ଉତ୍ତେଜନା ଲାଗି ରହିଥିବାରୁ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଟାଉନ ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର, ସଦର ଥାନାଧିକାରୀ ଚିନ୍ମୟୀ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମର ବହୁ ଲୋକେ ଘଟଣାସ୍ଥଳରେ ଉପରୋକ୍ତ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୪୧୫/୨୫ରେ ଏକ ମାମଲା ରୁଜୁ କରିଥିଲା।

ଆନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ପକ୍ଷରୁ ଘଟଣା ସମ୍ପର୍କରେ ସଦର ଥାନାରେ ଲିଖିତ ଅଭିଯୋଗ କରାଯିବା ସହ ଏହାକୁ ଦୃଢ଼ ନିନ୍ଦା କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଦାବି କରିଛି।

ଗ୍ରାମର ପ୍ରତ୍ୟକ୍ଷ ଦର୍ଶୀ ନରେନ୍ଦ୍ର ମହାଲିକଙ୍କ କହିବାନୁସାରେ, ସେ ସକାଳ ୬ଟା୩୦ରେ ଯାଜପୁଟାଉନରୁ ଘରକୁ ଫେରୁଥିଲେ। ସେକ୍ ମହଲା ମସଜିଦ୍ ନିକଟରେ ଏକ ଷଣ୍ଢକୁ କେହି ଦୁର୍ବୃତ୍ତ ହାଣି ଦେଇଥିବାରୁ ଷଣ୍ଢଟି ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ି ଛଟପଟ ହେଉଥିଲା। ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଘର ସମ୍ମୁଖ ନଡ଼ିଆ ଗଛ ନିକଟରେ ରକ୍ତ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ଏହାପରେ ପୋଲିସକୁ ଜଣାଇବା ସହ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଦୀର୍ଘ ସମୟ ପର୍ଯ୍ୟନ୍ତ ଅଡ଼ଙ୍ଗ ପୁରୁଷୋତ୍ତମପୁର ଗ୍ରାମର ଚାପା ଉତ୍ତେଜନା ଲାଗି ରହିଥିଲା। ଷଣ୍ଢକୁ କଟକ ଜଗତପୁର ପ୍ରାଣୀ ଚିକିତ୍ସାଳୟକୁ ନିଆଯାଇଛି। ତେବେ ଯେଉଁ ସ୍ଥାନରେ ଷଣ୍ଢର ଗୋଡ଼କୁ ହଣା ଯାଇଥିଲା ସେହି ସ୍ଥାନରେ ରକ୍ତ ପଡ଼ିଥିବାରୁ ଘଟଣାକୁ ଚପାଇବା ପାଇଁ ଦୁର୍ବୃତ୍ତ ବାଲି ପକାଇ ଦେଇଥିଲେ ବୋଲି ଜଣାପଡ଼ିଛି। ଘଟଣା ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଛି। ୨୪ ଘଣ୍ଟା ପାଇଁ ଘଟଣା ସ୍ଥଳରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ୧୮ ଘଣ୍ଟା ପରେ ଉଠିଲା ମୃତଦେହ

**କଳିଙ୍ଗନଗର,୨୧।୧୨(ଶୁଭାଶିଷ ରାଉତ):**

କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା ଷ୍ଟିଲ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ବିସ୍ଥାପିତ ଜେମା ହାଇବ୍ରୁଙ୍କ ମୃତଦେହ ରଖି ଚାଲିଥିବା ଆନ୍ଦୋଳନ ୧୮ ଘଣ୍ଟା ପରେ ପ୍ରତ୍ୟାହୃତ ହୋଇଛି। କମ୍ପାନୀ ପକ୍ଷରୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନକାରୀ ମୃତଦେହ ନେଇ ଦାହ କରିଛନ୍ତି। କଳିଙ୍ଗନଗର ଏଡିଏମ ସପନ କୁମାର ନନ୍ଦ, ଦାନଗଦି ତହସିଲଦାର ରଞ୍ଜିତ ମଲିକ, ଭୂ ଅର୍ଜନ ଅଧିକାରୀ ନମ୍ରତା ମୋଦି, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ ପହଞ୍ଚି ବିସ୍ଥାପିତ ପରିବାରର ସଦସ୍ୟ ବାବୁଲି ହାଇବ୍ରୁ, ରବି ଜାରିକା, ବାବୁଲି ପୂର୍ତ୍ତି, ସ୍ୱର୍ଣ୍ଣଲତା ବାନରା ପ୍ରମୁଖ ସହ ଆଲୋଚନା କରିଥିଲେ। ସୁଦ୍ଧିକ୍ରିୟା ନିମନ୍ତେ ଏକ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲାବେଳେ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବାକି ୮୦ ହଜାର ଟଙ୍କା ୭ଦିନ ଭିତରେ ଜିଲାପାଳ ଦେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।

ଟାଟା ଷ୍ଟିଲ ପ୍ରତିଷ୍ଠା ସମୟରେ ଗାଡ଼ପୁରର ମାର୍କଣ୍ଡ ହାଇବ୍ରୁଙ୍କ ଝିଅ ଜେମା ହାଇବ୍ରୁ କାରଖାନା ପାଇଁ ଜମି ହରାଇ ବିସ୍ଥାପିତ ହୋଇଥିଲେ। ହେଲେ ୨୦ ବର୍ଷ ଧରି ତାଙ୍କୁ ସରକାରଙ୍କ ପୁନର୍ବାସ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ମିଳି ନ ଥିଲା। ପ୍ରଶାସନ ପକ୍ଷରୁ ସର୍ଭେ ସମୟରେ ଜେମାଙ୍କ ନାମ ଠିକ ଭାବେ ପଞ୍ଜୀକୃତ ହୋଇ ନ ଥିବାରୁ ସେ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ସମସ୍ତ ସୁବିଧା ପାଇବାରୁ ବଞ୍ଚିତ ହୋଇଥିଲେ। ସେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଟାଟା ପଦାଧିକାରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିଥିଲେ ହେଁ କୌଣସି ସୁଫଳ ପାଇ ନ ଥିଲେ। ଶେଷରେ ତାଙ୍କର ଶନିବାର ମୃତ୍ୟୁ ହୋଇଥିଲା। ଏହାପରେ ସରକାରଙ୍କ ପୁନର୍ବାସ-ଥଇଥାନ ନୀତି ଅନୁଯାୟୀ ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରି ଟାଟା ଷ୍ଟିଲ୍ ଫାଟକ ଆଗରେ ମୃତଦେହ ରଖି ତାଙ୍କ ପରିବାର ଓ ଅନ୍ୟ ବିସ୍ଥାପିତ ଧାରଣା ଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଲକ୍ଷ୍ମୀନାରାୟଣ ପୂଜା ଉଦ୍‌ଯାପିତ



**ଜେନାପୁର,୨୧।୧୨(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣୀଡ଼ିହ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣଙ୍କ ୧୬ତମ ବାର୍ଷିକ ପୂଜା ଉଦ୍‌ଯାପିତ ହୋଇଯାଇଛି। ପୂଜା କମିଟି ଉପଦେଷ୍ଟା ମକରନ୍ଦ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ଦିନ ଧରି ଚାଲିଥିବା ଏହି ଉତ୍ସବର ବିଭିନ୍ନ ଦିବସରେ କଳସ ଯାତ୍ରା, ଯଜ୍ଞ ଆହୁତି, ପୂର୍ଣ୍ଣାହୁତି, ପ୍ରସାଦ ସେବନ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପୂଜା କମିଟିର ରାଜୀବ ରାଉତ, ତପନ ପରିଡ଼ା, ପ୍ରଫୁଲ୍ଲ ପରିଡ଼ା, ସୁକାନ୍ତ ସ୍ୱାଇଁଙ୍କ ସମେତ ସମସ୍ତ ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଆଜି କଂଗ୍ରେସ ସଭାପତିଙ୍କ ବଡ଼ଚଣାରେ ପଦଯାତ୍ରା



ବୈଠକରେ ଯୋଗଦେଇଥିବା କଂଗ୍ରେସ କର୍ମୀ ଓ ନେତା ।

**ଚଣ୍ଡିଖୋଲ,୨୦।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ସୋମବାର ବଡ଼ଚଣା ଗସ୍ତରେ ଆସିବେ। ସେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ରେଳଷ୍ଟେଶନ ନିକଟରୁ ପଦଯାତ୍ରାରେ ଚମ୍ପାପୁର ଗାନ୍ଧୀ ପୀଠ ପର୍ଯ୍ୟନ୍ତ ଯିବେ। ଏହି ସମୟରେ ଚାଷୀଙ୍କ ଧାନ ବିକ୍ରିରେ ହେଉଥିବା ସମସ୍ୟା, ଟାଟା ପାୱାର ବିଦ୍ୟୁତ୍ କମ୍ପାନୀର ଜୁଲମ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ସେମାନଙ୍କ ଅଭିଯୋଗ ଶୁଣିବେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ କେନ୍ଦ୍ର ସରକାର ଦୁର୍ବଳ ଓ ବିକଳାଙ୍ଗ କରିଥିବାନେଇ ଲୋକଙ୍କ ମତାମତ ଗ୍ରହଣ କରିବେ। ଏହି ଗସ୍ତ ଓ କାର୍ଯ୍ୟକ୍ରମ ନେଇ ରବିବାର କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବାଲିଚନ୍ଦ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ବିଶ୍ୱପ୍ରକାଶ ସାମଲ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାମଲ, ବିଳାସ ଚନ୍ଦ୍ର ବାରିକ, ସେକ୍ ରିୟାସତ ଅଲ୍ଲି, ବଟକୃଷ୍ଣ ଦାସ, ଚର୍ଚ୍ଚିତ ମହଲା, ଚାନ୍ଦ ଖାଁ, ସଞ୍ଜୟ କର, ସନ୍ତୋଷ ପରିଡ଼ା, ସରୋଜ ଜେନା, ଶାନ୍ତନୁ ଜେନା, ଅଶୋକ ରାଉତ, ମହେଶ୍ୱର ମହାପାତ୍ର, ନାରାୟଣ ଦାସ, ଅଶୋକ କୁମାର ବେହେରା, ସେକ୍ ଇକବଲ ହୁସେନ ପ୍ରମୁଖ ଯୋଗଦେଇଥିଲେ। ରବୀନ୍ଦ୍ର କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ଯାଜପୁର ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ

**ବେଆଇନ ବାଲି ଖନନ ଯୋଗୁ ବ୍ରାହ୍ମଣୀରେ ବୁଡ଼ି ଶିଶୁପୁତ୍ର ମୃତ୍ୟୁଘଟଣା**

**ବ୍ରହ୍ମବରଦା,୨୧।୧୨ (ଯଯାତି କେଶରୀ ବେହେରା):**

ବେଆଇନ ବାଲି ଖନନ ଯୋଗୁ ରସୁଲପୁର ତହସିଲ ଅଧୀନ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ୩ ବର୍ଷର ଶିଶୁପୁତ୍ର ମାନସ ଦାସଙ୍କ ବ୍ରାହ୍ମଣୀ ନଦୀରେ ବୁଡ଼ି ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ହୋଇଛି। ଇସ୍ପାତ ଓ ଖଣି ବିଭାଗ ଉପସଚିବ ରାଜେସ ପ୍ରଶାଦ ନାୟକ ରବିବାର ଯାଜପୁର ଜିଲାପାଳ ଓ ଲଘୁ ଖଣିଜ ପଦାର୍ଥ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ତୁରନ୍ତ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ୍ୟୁ ଘଟଣାକୁ ନେଇ ବେଆଇନ ବାଲି ଖନନ ଓ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାମାଜିକ କର୍ମୀ ପ୍ରତାପ ପୃଷ୍ଟି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।

ଚାନ୍ଦପୁର ଗ୍ରାମର ଶଙ୍କର ଦାସଙ୍କ ଶିଶୁପୁତ୍ର ମାନସ ଗତ ୯ ତାରିଖ ସକାଳେ ବ୍ରାହ୍ମଣୀ ନଦୀକୂଳରେ ଖେଳକୁଦ କରୁଥିବା ବେଳେ ଅସାବଧାନତାରୁ ନଦୀରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀ ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାର ବ୍ରହ୍ମବରଦା ସେତୁ ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ମୃତ ଶିଶୁପୁତ୍ରଙ୍କ ପରିବାରକୁ କ୍ଷତିପୂରଣ ଦେବା ସହ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ବ୍ରହ୍ମବରଦା ଥାନା ଅଧିକାରୀ, ରସୁଲପୁର ତହସିଲଦାର, ଯାଜପୁର ଏସଡିପିଓ ଓ ଲଘୁଖଣି ବିଭାଗ କନିଷ୍ଠ ଅଧିକାରୀ ପହଞ୍ଚି ମାପଚୁପ କରି ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି ସମାଧାନ କରାଯାଇ ନାହିଁ। କେବଳ ୨୬ରୁ ଉର୍ଦ୍ଧ୍ୱ ରାସ୍ତା ଅବରୋଧକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

# ଗାଡ଼ିଚଢ଼ାଇ ବୃଦ୍ଧାଙ୍କୁ ହତ୍ୟା:ପୁଅ,ନାତି ସମେତ ୩ଗିରଫ

**ପାଣିକୋଇଲି,୨୧।୧୨(ବିକାଶ ଚନ୍ଦ୍ର ମଲ୍ଲିକ):**

ପାଣିକୋଇଲି ଥାନା ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର(ସିଙ୍ଗଡ଼ା) ଗ୍ରାମରେ ଗାଡ଼ି ଚଢ଼ାଇ ବୃଦ୍ଧାଙ୍କୁ ହତ୍ୟା ଘଟଣାରେ ରବିବାର ପୋଲିସ ବୃଦ୍ଧାଙ୍କ ପୁଅ ନାରାୟଣ ସାହୁ, ନାତି ତଥା ମୁଖ୍ୟଅଭିଯୁକ୍ତ କାର୍ତ୍ତିକ ସାହୁ(୩୨) ଏବଂ ସାନନାତି ରମେଶ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।
ସିଙ୍ଗଡ଼ା ଗ୍ରାମର ପୋଇନ ସାହୁ ଓ ସ୍ତ୍ରୀ ଜୁଳି ସାହୁଙ୍କ ଏକମାତ୍ର ପୁତ୍ର ନାରାୟଣ ଜମି ପାଇଁ ଘରେ ବିବାଦ ସୃଷ୍ଟି କରିଥିଲେ। ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନିତାଙ୍କ ନାମରେ କରିଥିଲେ। ଗୁରୁବାର ମା' ଓ ଝିଅ ଗାଁକୁ ଆସିଥିବାବେଳେ ୧୬ ନମ୍ବର ଜାତୀୟ ରାଜପଥ ସିଙ୍ଗଡ଼ା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ନାରାୟଣଙ୍କ ବଡ଼ପୁଅ କାର୍ତ୍ତିକ ଏକ ପିକଅପ ଭ୍ୟାନ୍(ଓଡି ୦୪ଇ୮୫୪୭) ନେଇ ଜୁଳିଙ୍କୁ ଧକ୍କା ଦେଇଥିବାବେଳେ ଅନିତା ବର୍ତ୍ତି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ଜୁଳିଙ୍କ ମୃତ୍ୟୁ ହୋଇଥିଲା। ବାପପୁଅ ମିଶି ସମ୍ପତ୍ତି ଲୋଭରେ ଜୁଳିଙ୍କୁ ହତ୍ୟା କରିଥିବା ଅନିତା ଥାନାରେ ଅଭିଯୋଗ କରିଥିଲେ।

# ପ୍ରେମିକାଙ୍କ ବାପା ଗିରଫ

**ପ୍ରେମିକାଙ୍କ ଘର ନିକଟରୁ ନାବାଳକ ପ୍ରେମିକଙ୍କ ମୃତଦେହ ଜବତ ଘଟଣା**

**ବିଞ୍ଝାରପୁର,୨୧।୧୨(ରାମକୃଷ୍ଣ ଦାସ):**

ପ୍ରେମିକାଙ୍କ ଘରକୁ ବୁଲିବାକୁ ଆସି ନାବାଳକ ପ୍ରେମିକଙ୍କ ମୃତଦେହ ମିଳିବା ଘଟଣାରେ ବିଞ୍ଝାରପୁର ପୋଲିସ ପ୍ରେମିକାଙ୍କ ବାପାଙ୍କୁ ରବିବାର ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ।

ବିଞ୍ଝାରପୁର ଥାନା ଘଣ୍ଟିଆଳି ପଞ୍ଚାୟତ ମଇଁନ୍ଦା ଅଞ୍ଚଳର ଜଣେ ଯୁବତୀ ଗତବର୍ଷ କଟକ ଜିଲା ସାଲେପୁର ଥାନା ଗଙ୍ଗେଶ୍ୱରଦେଭଳି ଗ୍ରାମରେ ବିବାହ କରିଥିଲେ। ବିବାହ ପରେ ସେହି ଗ୍ରାମର ଜଣେ ନାବାଳକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏହି କାରଣରୁ ଶାଶୁଘର ସହିତ ମନାନ୍ତର ହେବାରୁ ସେ ବାପଘରକୁ ପଳାଇ ଆସିଥିଲେ। ବାପଘରେ ଥିଲାବେଳେ ନାବାଳକ ପ୍ରେମିକ ପ୍ରେମିକାଙ୍କ ଘରକୁ ଆସିଥିଲେ। ଗତ ଗୁରବାର ରାତିରେ ନାବାଳକ ନିଜ ଘରକୁ ଫୋନକରି କହିଥିଲେ ଯେ ପ୍ରେମିକାଙ୍କ ପରିବାର ଲୋକେ ତାଙ୍କୁ ବାନ୍ଧି ରଖିଛନ୍ତି। ଖବରପାଇ ନାବାଳକଙ୍କ ପରିବାର ଲୋକେ ଶୁକ୍ରବାର ସକାଳେ ପହଞ୍ଚି ନାବାଳକଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ନାବାଳକଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୫୯୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ମୁକୁନ୍ଦ ପାତ୍ର ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଧର୍ମଶାଳା,୨୧।୧୨ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ବଳରାମପୁରସ୍ଥିତ ମୁକୁନ୍ଦ ପାତ୍ର ଡିଗ୍ରୀ ମହାବିଦ୍ୟାଳୟର ୨୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୁଷ ବିଭାଗରେ ସ୍ୱାଧୀନ ବାରିକ ଓ ମହିଳା ବିଭାଗରେ ସ୍ମିତିମୟୀ ବାରିକ ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ସୁଦାମ ଚରଣ ଧଳ ଯୋଗଦେଇ କ୍ରୀଡ଼ା ସଂସଦ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଶିକ୍ଷକ ରମେଶ ଚନ୍ଦ୍ର ଓଝା ଖେଳ ପରିଚାଳନା କରିଥିଲେ। ଅଧକ୍ଷା କବିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜେନାପୁର ଥାନାଧିକାରୀ ନିରୁପମା ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଜ ବକ୍ତବ୍ୟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା, ମାନବ ଜୀବନରେ ଅତ୍ୟନ୍ତ ଆବଶ୍ୟକ ଅଂଶ ବୋଲି ମତ ଦେଇଥିଲେ। ସେ କହିଥିଲେ, ଛାତ୍ର ଜୀବନରେ କ୍ରୀଡ଼ା ଶାରୀରିକ, ମାନସିକ ଓ ନୈତିକ ବିକାଶ ପାଇଁ ବହୁ ଜରୁରୀ। ପୁସ୍ତକଜ୍ଞାନ ସହ କ୍ରୀଡ଼ାର ଅଭ୍ୟାସ ଛାତ୍ରୀଛାତ୍ରଙ୍କୁ ସମ୍ପୂର୍ଣ୍ଣ ମଣିଷ ହେବାରେ ସାହାଯ୍ୟ କରେ। କ୍ରୀଡ଼ା ଦ୍ୱାରା ସହଯୋଗ, ଏକତା ଓ ନେତୃତ୍ୱ ଗୁଣ ବିକଶିତ ହୁଏ ଏବଂ ଆତ୍ମବିଶ୍ୱାସ ବଢ଼େ। ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ସହଯୋଗ କରିଥିଲେ।



ମୁଖ୍ୟ ଅତିଥି କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ମହାବୀର କ୍ଲବ କ୍ରିକେଟ୍: ଚୋରମୁହାଁ ଚାମ୍ପିୟନ

**ଚଢ଼େଇଧରା,୨୧।୧୨(ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ କ୍ରିକେଟ ପଡ଼ିଆରେ ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଚୋରମୁହାଁ ଟିମ୍ ଚାମ୍ପିୟନ ହୋଇଛି। ଗ୍ରାମାଞ୍ଚଳର ଶ୍ରେଷ୍ଠ ୧୬ ଦଳକୁ ନେଇ ନକ ଆଉଟ ପର୍ଯ୍ୟାୟରେ ଖେଳ ଆରମ୍ଭ ହୋଇଥିଲା। ଫାଇନାଲରେ ପାରିକଇଞ୍ଚି ଦଳ ଚୋରମୁହାଁକୁ ଭେଟିଥିଲା। ଚୋରମୁହାଁ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଲିକୁନ ୨୭ବଲରେ ୫୯ରନ କରିଥିଲେ। ଶେଖର ଦାସ ୩୭ ବଲରେ ୪୫ରନ କରିଥିଲେ। ଜବାବରେ ପାରିକଇଞ୍ଚି ଦଳ ନିର୍ଦ୍ଧାରିତ ୧୭.୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୨୭ ରନ କରି ପରାଜୟ ବରଣ କରିଥିଲା। ପାରିକଇଞ୍ଚି ଦଳର ରାକେଶ ବିଶ୍ୱାଳ ୪୦ ରନ ଓ ଆଲୋକ ମହାନ୍ତି ୨୦ ରନ କରିଥିଲେ। ବେଷ୍ଟ ବ୍ୟାଟ୍ସମ୍ୟାନ ଲିକୁନ, ବେଷ୍ଟ ବୋଲର ପାରିକଇଞ୍ଚି ଦଳର ଲିପୁନ, ବେଷ୍ଟ ଭଲିନଟର ଭାବେ ଆଲୋକ ବାରିକ, ସମ୍ବିତ ବାରିକ ଓ କହ୍ନେଇ ବେହେରାଙ୍କୁ ଚୟନ କରାଯାଇଥିଲା। ଚୋରମୁହାଁ ଦଳର ଗୌତମ ମ୍ୟାନ ଅଫ ଦି ମ୍ୟାଚ ଓ ଚୋରମୁହାଁ ଦଳର ଲିକୁନ ମ୍ୟାନ ଅଫ ଦି ସିରିଜ ହୋଇଥିଲେ।



ବିଧାୟକ ହିମାଂଶୁ ଶେଖର ସାହୁ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରି ଉତ୍ସାହିତ କରୁଛନ୍ତି ।

ଉଦ୍‌ଯାପନୀ ଉତ୍ସବରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବିଜୟୀ ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ୧୨ନଂ. ମଣ୍ଡଳ ଭାଜପା ସଭାପତି ଶ୍ରୀବତ୍ସ ଧୀର, ମଧୁପୁରଗଡ଼ ସରପଞ୍ଚ ରବୀନ୍ଦ୍ର ନାଥ ସେଠୀ, ମହିଶରା ସରପଞ୍ଚ ସଫଳା ବେହେରା, କ୍ଷେତ୍ରପାଳ ସରପଞ୍ଚ ଫକୀର ନାରାୟଣ ମିଶ୍ର, ମହିଶରା ସମିତିସଭ୍ୟ ପବିତ୍ର ବେହେରା, ମଧୁପୁରଗଡ଼ ପ୍ରଭାରୀ ପ୍ରକାଶ ସାମଲ, ପୂର୍ବତନ ସରପଞ୍ଚ ଚନ୍ଦ୍ର ଶେଖର ଜେନାମଣି, ବିଶ୍ୱରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ହାଲ୍, ସାବକ ନକ୍ସା ସହିତ ଜଡ଼ିତ ଜମି ବିବାଦ

ପଟ୍ଟାମୁଣ୍ଡାଇ, ୨୦।୧୨ (କଳ୍ପତରୁ ନାୟକ)



ପୁରୁଣା ସାବିକ ନକ୍ସା ଉପରେ ଆଧାରିତ କ୍ଷେତ୍ରୀୟ ଦାବିକୁ ନେଇ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକାଧିକ ସ୍ଥାନରେ ଭାଇଭାଇ ପଡାପଡୋଶୀରେ ବିବାଦ ଲାଗି ରହୁଛି। ଏ ନେଇ ଆପରାଧିକ ମାମଲା ମଧ୍ୟ ବଢ଼ିବାରେ ଲାଗିଛି। ହାଲ ସାବିକ ନକ୍ସା ସଂଶୋଧନ ପାଇଁ ରାଜ୍ୟ ରାଜସ୍ୱ ଅଧିକାରୀ କିମ୍ବା ସ୍ଥାନୀୟ ତସିଲଦାରଙ୍କ ନିକଟରେ ଆବେଦନ କରାଗଲେ ମଧ୍ୟ ଫଳ ମିଳୁନାହିଁ। ଅପରପକ୍ଷେ ଗାଁ ଗହଳି ଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନଭିଜ୍ଞ ଅମିନଙ୍କ ସୀମା ହେରଫେର ପାଇଁ ମାଡଗୋଳ ଲାଗି ଥାନାରେ ମାମଲା ବଢ଼ି ଚାଲିଛି। ଯାହାକୁ ନେଇ ସାଧାରଣ ଲୋକ କୋର୍ଟ କଚେରି ମାଲି ମକଦ୍ଦମାରେ ପଡି ଖର୍ଚ୍ଚାନ୍ତ ହେବା ସହ ନିରାଶ ହେଉଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଯଦି ରାଜ୍ୟ ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନ ଘରବାରି ସୀମା ନିର୍ଦ୍ଧାରଣରେ ସାବିକ ନକ୍ସାକୁ କାଏମ କରି ଅଭିଜ୍ଞ ଅମିନରେ ମାପଚୁପ କରାଇବାକୁ ନିର୍ଦ୍ଦେଶନାମା ଜାରି କରନ୍ତେ ତେବେ ଅଞ୍ଚଳରେ ସୀମା ନିର୍ଦ୍ଧାରଣ ଆପରାଧିକ ମାମଲାରେ ପରିବର୍ତ୍ତନ ଘଟନ୍ତା ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

ସ୍ଥାନୀୟ ବୁଦ୍ଧିଜୀବୀ ଅକ୍ଷୟ ସାହୁ, ପ୍ରବୀର ନାୟକ, ବିଜୟ ଦାସ, ଆଇନଜୀବୀ ଆଲୋକ ନାୟକ ପ୍ରମୁଖ କହିଛନ୍ତି, ୧୯୮୦ ମସିହାର ବନ୍ଦୋବସ୍ତ ସମୟରେ ସ୍ଥାନୀୟ ଚକବନ୍ଦୀରେ କାର୍ଯ୍ୟ କରୁଥିବା ଅଧିକାରୀମାନେ ପ୍ରଭାବଶାଳୀଙ୍କ ପ୍ରରୋଚନାରେ ବିଶେଷ ହେରଫେର କରିଥିଲେ। ଫଳରେ ବନ୍ଦୋବସ୍ତ ପରେ

- ଜାଗା ସୀମା ନିର୍ଦ୍ଧାରଣକୁ ନେଇ ବଢୁଛି ଆପରାଧିକ ମାମଲା
- ଅନଭିଜ୍ଞ ଅମିନଙ୍କ ମାପଚୁପକୁ ନାପସନ୍ଦ

ନୂଆ ନକ୍ସା ସରକାରୀ ଭାବେ ପ୍ରଚଳନ କରାଗଲା। ମାତ୍ର ପୁରୁଣା ନକ୍ସା ଓ ନୂଆ ନକ୍ସାରେ ଜାଗା ମାପଚୁପରେ ପରିବର୍ତ୍ତନ ଦେଖାଗଲା। କାହାର ଜାଗା ଜମି ଅନ୍ୟ ଜାଗାକୁ ମାଡିଯାଉଛି ତ କାହାର ବଢୁଛି ଆଉ କାହାର କମୁଛି। ମାପଚୁପରେ ହାଲ ସାବିକକୁ ମିଶାଇଲେ ବଡ ପରିବର୍ତ୍ତନ ଦେଖାଯାଉଛି। ଫଳରେ ଶହଶହ ବର୍ଷଧରି ପୈତୃକ ଜାଗାରେ ଘର କରିଥିବା ଲୋକେ ହଇରାଣ ହୋଇ ଥାନା, ତହସିଲ ଓ ଅଦାଲତର ଦ୍ୱାରସ୍ଥ ହେଉଛନ୍ତି। ଅନେକସ୍ଥାନରେ ବାହାର ରାଜ୍ୟକୁ ଦାଦନ ଖଟି ଯାଇଥିବା ଲୋକ ମଧ୍ୟ ନିଜ ଜାଗା ବଞ୍ଚାଇବାକୁ ଯାଇ ବିଭିନ୍ନ ଦିଗରୁ ହଇରାଣ ହୋଇଥିବା ନଜୀର ରହିଥିବାବେଳେ କେତେକ ଆପରାଧିକ ମାମଲାରେ ଛନ୍ଦି ହୋଇ ଜେଲ ଯିବା ଦେଖିବାକୁ ମିଳିଛି। ଏପରି ଭାବେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ହଜାର ଜନସାଧାରଣ ଜାଗାବାଡି ମାମଲାରେ ଛନ୍ଦି ହୋଇ ଆର୍ଥିକ, ମାନସିକ ସ୍ତରରେ ଦୁର୍ବଳ ହେବାକୁ ଲାଗିଛନ୍ତି। ବହୁ ଗରିବ ଲୋକଙ୍କ ପରିବାର ପ୍ରତିପୋଷଣରେ ବାଧା ଉପୁଜୁଛି। ଏପରି ଭାବେ ସାଧାରଣ ଲୋକେ ଛନ୍ଦି ହୋଇପଡିଛନ୍ତି। ଯାହା ସରକାରଙ୍କ ବିକଶିତ ଭାରତ ଯୋଜନାକୁ ପ୍ରତିରୋଧ କରି ପାରେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ହାଲ ସାବିକ ମାପଚୁପ ଓ ଅନଭିଜ୍ଞ ଅମିନଙ୍କ ସମ୍ପର୍କରେ କେନ୍ଦ୍ରାପଡ଼ା ଉପଜିଲାପାଳ ଅରୁଣ କୁମାର ନାୟକଙ୍କୁ ପଚାରିବାରେ ଯେଉଁ ଅମିନ କାର୍ଯ୍ୟରତ ଅଛନ୍ତି ସେମାନଙ୍କ ଦ୍ୱାର ଚଳାଇବାକୁ ପଡୁଛି। ଅନ୍ୟପକ୍ଷରେ ନୂଆ ପୁରୁଣା ନକ୍ସା ଏବେ ତହସିଲରେ ସଂଶୋଧନ କରାଇ ପାରିବେ ବୋଲି ସେ କହିଛନ୍ତି।



କେନ୍ଦ୍ରାପଡ଼ା ଇଚ୍ଛାପୁରଠାରେ ବୁଦ୍ଧିଜୀବୀ କୁଳମଣି ଲେଙ୍କାଙ୍କ ପକ୍ଷରୁ ରବିବାର ମୋ ମାଟି, ମୋ କଳା, ମୋ ସଂସ୍କୃତି ଶୀର୍ଷକ ପ୍ରତିଯୋଗିତାରେ ପ୍ରତିଯୋଗୀ।

## ଗୁଣାତ୍ମକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ଆଗକୁ ନେଇଥାଏ

ମାର୍ଶାଘାଇ, ୨୧।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ବିଦ୍ୟାଳୟଗୁଡ଼ିକରେ ଖାଲି ଗତାନୁଗତିକ ପାଠପଢ଼ା ହେଲେ ତାହା ଯଥେଷ୍ଟ ହେବ ନାହିଁ। ଗୁଣାତ୍ମକ, ନୈତିକ ମୂଲ୍ୟବୋଧକ ଶିକ୍ଷା ପ୍ରଦାନ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରବିବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗରଜଙ୍ଗାସ୍ଥିତ ତାରିଣୀ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକୋତ୍ସବ ପରିଚାଳନା ନିର୍ଦ୍ଦେଶକ ଶ୍ରୀବତ୍ସ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିକାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଉଚ୍ଚ ଅଭିଳାଷ ରଖି ନିଜର ଅଧ୍ୟୟନ ପ୍ରତି ଐକାନ୍ତିକ ନିଷ୍ଠା ରଖି ଉଦ୍ୟମ କଲେ ଛାତ୍ରୀଛାତ୍ରମାନେ ଉଚ୍ଚତର ସୋପାନରେ ପହଞ୍ଚିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଗିରିଶ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ବିଷ୍ଣୁ ପ୍ରସାଦ ମହାପାତ୍ର, ଅନୁଷ୍ଠାନର ଉପଦେଷ୍ଟା ଅଧ୍ୟାପକ ଉମାକାନ୍ତ ଦାସ, ମୁଖ୍ୟବକ୍ତା ଭାବେ ପାରାଦୀପ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର ଯୋଗଦେଇ ନୈତିକ ମୂଲ୍ୟବୋଧ ଭଲ ମଣିଷ ତିଆରି କରେ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ଭିତରେ ନୈତିକ ମୂଲ୍ୟବୋଧର ସଂକଳ୍ପ ନେଇ ନିଜକୁ ଭଲ ମଣିଷ ଭାବେ ଗଢ଼ି ତୋଳିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡା. ତ୍ରୈଲୋଚନ ଛାଟୋଇ, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ନବୀନ ଚନ୍ଦ୍ର ବେହେରା, ତପନ କୁମାର ଦାସ, ଧନେଶ୍ୱର ଯତି, ପଞ୍ଚାନନ ଦଳାଇ, ଧର୍ମପ୍ରକାଶ ଆଚାର୍ଯ୍ୟ, ପ୍ରତିଭାରାଣୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ମୁଖପତ୍ର ଅରୁଣିମାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଟପ୍ପର ହୋଇଥିବା ଦିବ୍ୟଜ୍ୟୋତି ମହାପାତ୍ର, ସତ୍ୟଜିତ ଦାସ, ଶ୍ରୀତମ୍ ଜେନା, ପ୍ରିୟଙ୍କା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଜ୍ଞାନରଞ୍ଜନ କୁଣ୍ଡ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଗନ କୁମାର ମହାପାତ୍ର, ସରୋଜକାନ୍ତ ପରିଡ଼ା, ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ପଣ୍ଡା, ସୁଜାତା ନାୟକ, କବିତା ଦଳାଇ, ରୁବିନାରାୟଣୀ ମହାପାତ୍ର, ରୁବିରାଣୀ ଲେଙ୍କା, ରଶ୍ମିରେଖା ରାଉତ, ଗାୟତ୍ରୀ ଦଳାଇ, ପ୍ରିୟଙ୍କା ପ୍ରିୟଦର୍ଶନୀ, ଶିକ୍ଷକ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଖେଲୋ ଭାରତ ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ କ୍ରିକେଟ୍ ମ୍ୟାଚ

ରାଜନଗର, ୨୧।୧୨ (ଭାସ୍କର ରାଉତରାୟ)

ଖେଲୋ ଭାରତ ପକ୍ଷରୁ ରବିବାର ରାଜନଗର ନିକଟସ୍ଥ ମହିଷାସୁର ପଞ୍ଚାୟତ ପଡ଼ିଆରେ ମହାବିଦ୍ୟାଳୟସ୍ତରୀୟ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜନଗର ବ୍ଲକ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟର ପିଲା ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ରାଜନଗର ମହାବିଦ୍ୟାଳୟର କଳା ବିଭାଗ ଟିମ୍ ବାଣିଜ୍ୟ ବିଭାଗକୁ ହରାଇ ବିଜୟ ଲାଭ କରିଛି। ଆସନ୍ତା ଜାନୁଆରୀ ୧୨ରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଯୁବା ଦିବସ ରୂପେ ସାରା ଦେଶ ପାଳନ କରିଥାଏ। ଏହି ଅବସରରେ ଖେଲୋ ଭାରତ ପକ୍ଷରୁ ବିଭିନ୍ନ ବ୍ଲକ ଓ ଜିଲାସ୍ତରରେ ବିଭିନ୍ନ ଖେଳ ଅନୁଷ୍ଠିତ ହେଉଛି। ଯୁବା ଦିବସରେ ବିଜେତା ଟିମ୍‌ଗୁଡିକୁ ପୁରସ୍କୃତ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ମହିଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି ମୁଖ୍ୟ ଅତିଥି, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସଭାପତି ଅଧ୍ୟାପିକା ସୁଶ୍ରୀ ତନୁଶ୍ରୀ ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ସଞ୍ଜୟ କୁମାର ବାଗ, ଦୋଳଗୋବିନ୍ଦ ଜେନା, ତାପସ କୁମାର ପରିଡ଼ା, ସ୍ୱଦେଶୀ ଜାଗରଣ ମଞ୍ଚ ଜିଲା ପ୍ରମୁଖ ମନୋରଞ୍ଜନ ମିଶ୍ର, ବିଦ୍ୟାର୍ଥୀ ପରିଷଦର ନଗର ସମ୍ପାଦକ ସୁକୁମାର ମାନ୍ନା, ନଗର ଉପସଭାପତି ରଞ୍ଜନ କୁମାର ଦଳାଇ, ମଜଦୁର ସଂଘ ରାଜନଗର ବିଭାଗ ସଂଯୋଜକ ମାଧବ ସେଠୀ, ଖେଲୋ ଭାରତର ନଗର ସଂଯୋଜକ ଅଭିଷେକ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଅମ୍ପାୟର ରୂପେ ପବିତ୍ର ସେଠୀ, ଲିଟନ ସେଠୀ, ଦେବଦତ୍ତ ସେଠୀ ଖେଳ ପରିଚାଳନା କରିଥିଲେ। ସ୍କୋରରେ ଅବିନାଶ କୁଣ୍ଡ ଓ ସିଦ୍ଧାନ୍ତ ସାହୁ ଥିଲେ। ଏହି ଟୁର୍ନାମେଣ୍ଟରେ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ନାଗା ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସପନେଶ୍ୱର ମହାବିଦ୍ୟାଳୟ, ନଳିନୀକାନ୍ତ ମହାବିଦ୍ୟାଳୟ, ବାମନ ଦାସ ଆଇଟିଆଇ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଛାତ୍ର ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ପରିଡ଼ା, ସୌମ୍ୟକାନ୍ତ ଦାସ ସହଯୋଗ କରିଥିଲେ।



କ୍ରିକେଟ ମ୍ୟାଚରେ ଅତିଥିମାନେ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯିବ



ଚୂଡ଼ାନ୍ତ ବୈଠକରେ ମହୋତ୍ସବ କମିଟିର ସଦସ୍ୟଙ୍କ ସହ ପ୍ରଶାସନିକ ଅଧିକାରୀ।

ଡେରାବିଶ, ୨୧।୧୨ (ବେବର୍ତ୍ତା ଅଜୟ ଦାସ)

### ୨୫ରୁ ଡେରାବିଶ ମହୋତ୍ସବ

ଡେରାବିଶର ଐତିହ୍ୟ, ସଂସ୍କୃତି ଓ ବୈଭବକୁ ଉଜ୍ଜୀବିତ ରଖିବାକୁ ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଚତୁର୍ଦ୍ଦଶ ଡେରାବିଶ ମହୋତ୍ସବ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ। ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ଆସନ୍ତା ୩୧ ତାରିଖରେ ଉଦ୍‌ଯାପିତ ହେବ। ତେବେ ପ୍ରତିବର୍ଷ ଭଳି ଜିଲା ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ଲୋକକଳାକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ଓ ପ୍ରତିଭାମାନଙ୍କ ନୃତ୍ୟ, ସଙ୍ଗୀତ ଏହି ମହୋତ୍ସବରେ ଦର୍ଶକଙ୍କୁ ଆକୃଷ୍ଟ କରିବ। ଏ ନେଇ ଡେରାବିଶ ମିନି ଷ୍ଟାଡିୟମ ମହୋତ୍ସବ ପଡିଆରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଘରକରଣା ସାମଗ୍ରୀ ଓ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ପସରା ମେଲାଇବା ପାଇଁ ଭିଡ଼ ଜମାଇ ସାରିଲେଣି। ରବିବାର ସାଂସ୍କୃତିକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଏ ନେଇ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସଙ୍ଗଠନ ଉପସଭାପତି ନିଗମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗଠନ ସମ୍ପାଦକ ସରୋଜ କୁମାର ଦାଶ ମହୋତ୍ସବକୁ ଅଧିକ ଶୃଙ୍ଖଳିତ କରିବାକୁ ଉପସ୍ଥିତ ସଙ୍ଗଠନ କର୍ମକର୍ତ୍ତା ସଦସ୍ୟମାନଙ୍କୁ ନିବେଦନ କରିଥିଲେ। ଏଥିସହ ଏହି ମହୋତ୍ସବରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା, କବି ସମ୍ମେଳନ ଓ କୁନିକୁନି କଳାକାରଙ୍କ ପ୍ରତିଭା ପ୍ରଦର୍ଶନକୁ ଚଳିତବର୍ଷ ଅଧିକ ଗୁରୁତ୍ୱ ଦିଆଯାଇଥିବା ସମ୍ପାଦକ ସୂଚନା ଦେଇଥିଲେ। ଏହି ଅବସରରେ ଡେରାବିଶ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ ମହୋତ୍ସବରେ ଲୋକମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଥାନା ପକ୍ଷରୁ ଅଧିକ ଦୃଷ୍ଟି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଡେରାବିଶ ଅଗ୍ନିଶମ ଅଧିକାରୀ ବନମାଳୀ ମାଝି ବୈଠକରେ ଯୋଗଦେଇ ତାଙ୍କ ବିଭାଗ ପକ୍ଷରୁ ମହୋତ୍ସବସ୍ଥଳରେ ୨ଟି ଗାଡି କର୍ମଚାରୀମାନଙ୍କୁ ନିୟୋଜିତ ପାଇଁ ସେ ବ୍ୟବସ୍ଥା କରିଥିବା ନେଇ ସୂଚନା ଦେଇଥିଲେ। ବୈଠକରେ ସଙ୍ଗଠନ ଉପଦେଷ୍ଟା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ହଳଧର ଦାସ, ସଚ୍ଚିଦାନନ୍ଦ ରଥ, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ଅଧ୍ୟାପକ ପ୍ରଭାକର ସାମଲ, ମହେନ୍ଦ୍ର କୁମାର ସିଂହ, ପ୍ରମୋଦ କୁମାର ବେହେରା ଓ ଗୌରାଙ୍ଗ ସାହୁଙ୍କ ସମେତ ଅଧ୍ୟାପକ ଗୋଲଖଚନ୍ଦ୍ର ମହାଭୋଇ, କର୍ମକର୍ତ୍ତା ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ, ରାମଚନ୍ଦ୍ର ରାଉତ, ପୂର୍ଣ୍ଣାନନ୍ଦ ବେହେରା, ବିପିନ ବିହାରୀ ସାହୁ, ମଥୁରାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଣ୍ଠ ସଙ୍ଗୀତରେ କିରଣ ରାଜ୍ୟସ୍ତରକୁ ମନୋନୀତ

ରାଜନଗର, ୨୧।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ପିଏମଶ୍ରୀ ନାଗନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର କିରଣ କୁମାର ବେହେରା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଦ୍ୱାରା ଆଳିର ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଶିଶୁ ଉତ୍ସବରେ କଣ୍ଠ ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। କଣ୍ଠ ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରିଥିବା କିରଣଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କଟକଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ସେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୧।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ବ୍ଲକ ଗରାପୁରସ୍ଥିତ ସାଇ ମନ୍ଦିର ପରିସରରେ ଶ୍ରୀଶିରିଡି ସାଇ ଜନକଲ୍ୟାଣୀ ଟ୍ରଷ୍ଟ ପକ୍ଷରୁ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାର ପାଳନ କରାଯାଇଛି। ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଳାଧିବାସ, ଶାନ୍ତିହୋମ, ମହାଭିଷେକ, ଆଳତି ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ପ୍ରଜ୍ଞାନ ମିଶନର ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦଜୀ ଯୋଗଦେବା ସହ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପରେ ଏଠାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଜନ ଗାୟକ ରବୀନ୍ଦ୍ର କୁମାର ମିଶ୍ର, ବୈଷ୍ଣବ କୈଳାସ, ବିମଳ ପ୍ରସାଦ ପରିଡା ଓ ସାଥୀମାନେ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଟ୍ରଷ୍ଟର ସଦସ୍ୟମାନେ ପରିଚାଳନା କରିଥିଲେ।

## ବଳଦେବ ସେନାର ରକ୍ତଦାନ ଶିବିର



ରକ୍ତଦାତାମାନେ ଶିବିରରେ ରକ୍ତଦାନ କରୁଛନ୍ତି।

କେନ୍ଦ୍ରାପଡ଼ା, ୨୧।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥ ଯାତ୍ରୀ ଭବନଠାରେ ବଳଦେବ ସେନା ପକ୍ଷରୁ ରକ୍ତଦାନ ଶିବିର ରବିବାର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ଅଧ୍ୟକ୍ଷା ଶ୍ରୀମା' ଦିବ୍ୟସ୍ୱରୂପାନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇ ଜିଲା ରକ୍ତ ଭଣ୍ଡାରକୁ ଦିଆଯାଇଛି। ଏ ସମ୍ପର୍କରେ ସେନା ସଭାପତି ପପୁନ କୁମାର ସ୍ୱାଇଁ କହିଛନ୍ତି, ବଳଦେବ ସେନା ସର୍ବଦା ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟକୁ ଗୁରୁତ୍ୱ ଦେଇଥାଏ। ଜିଲାରେ ମାସିକ ପ୍ରାୟ ୭୦୦ ୟୁନିଟ ରକ୍ତ ଆବଶ୍ୟକ ଥିବା ବେଳେ ରକ୍ତ ସଂଗ୍ରହ ହାର ବହୁତ କମ୍ ରହିଛି। ଏ ସମ୍ପର୍କରେ ଜାଣିବା ପରେ ପ୍ରତିବର୍ଷ ସେନା ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଉଥିବା ସେ କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଟାଉନ ଥାନାଧିକାରୀ ଦିଲୀପ ସାହୁ, ନରହରି ଦାସ, ବଳଭଦ୍ର ପତ୍ରୀ, ନୃସିଂହ ତ୍ରିପାଠୀ, ଦାମୋଦର ରାଉତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରକୁ ସେନାର କର୍ମକର୍ତ୍ତା ନିରଞ୍ଜନ ସୁଆର, ଅମର କୁମାର ବାରିକ, ନିରଞ୍ଜନ ମେକାପ, ଆଶୁତୋଷ ପଣ୍ଡା, ହିମାଂଶୁ ରାଉତ, ଜ୍ୟୋତିରଞ୍ଜନ ପତ୍ରୀ, ଉମେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଭବିଷ୍ୟତ ପିଢ଼ି ପାଇଁ ପ୍ଲାଷ୍ଟିକ ହେବ ଭୟଙ୍କର

ମହାକାଳପଡ଼ା, ୨୧।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ସ୍ଥାନୀୟ ବାରଡାଙ୍ଗ ପଞ୍ଚାୟତ ଅଧୀନ ନନ୍ତାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରପିତା ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ମୁକ୍ତ ବିଦ୍ୟାଳୟ ଓ ନିକଟ ଗ୍ରାମରେ ସଚେତନତା ଅଭିଯାନ ରାଲି ଶନିବାର ଆରମ୍ଭ କରିଥିଲେ। ଗାନ୍ଧିଜୀଙ୍କ ସ୍ୱଚ୍ଛତା ହେଉଛି ସ୍ୱାଧୀନତାର ପ୍ରଥମ ପଦକ୍ଷେପ। ଅହିଂସା, ଦୟା, କ୍ଷମା, ଭ୍ରାତୃତ୍ୱ ଓ ଶାନ୍ତିର ବାର୍ତ୍ତା ବହନ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ନୂତନ ସମ୍ଭାର ସୃଷ୍ଟି ହୋଇଛି। ଫଳରେ ମାନବ ସମାଜ ପାଇଁ ଭବିଷ୍ୟତର ପିଢ଼ି ପ୍ଲାଷ୍ଟିକ କବଳରୁ ମୁକ୍ତି ପାଇଁ ଅଭିଯାନର ମୂଳ ଲକ୍ଷ୍ୟ ରହିଛି ବୋଲି କୁହାଯାଇଛି। ଛାତ୍ରୀଛାତ୍ରମାନେ ଅଭିଯାନରେ ସଚେତନ ରାଲିରେ ପ୍ଲାକାର୍ଡ ଭାଷଣ ସ୍ଲୋଗାନ ନାରା ଦେଇ ସ୍ଥାନୀୟ ଲୋକଙ୍କୁ ବୁଝାଇ ଥିଲେ। ପ୍ଲାଷ୍ଟିକ ବୋତଲ ଥଳି ଆଗାମୀ ପିଢ଼ି ପାଇଁ ଭୟଙ୍କର ରୋଗ ପରିସ୍ଥିତି ସୃଷ୍ଟି କରିବ ବୋଲି ନାରା ଦେଇଥିଲେ। ପ୍ଲାଷ୍ଟିକ ଶହେ ବର୍ଷ ଧରି ଜୀବନ୍ତ ରହିବ।




ନନ୍ତାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ଛାତ୍ରୀଛାତ୍ର।

- ଶହେ ବର୍ଷ ପର୍ଯ୍ୟନ୍ତ ପ୍ଲାଷ୍ଟିକ ଜୀବନ୍ତ
- ଛାତ୍ରୀଛାତ୍ରଙ୍କ ଗାଁ ପରିକ୍ରମା ଅଭିଯାନ

ପ୍ଲାଷ୍ଟିକ ବର୍ଜନ କରି କପଡ଼ା ଓ କାଗଜ ଥଳି ବ୍ୟବାହର କରିବାକୁ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁନ୍ଦର ମୋହନ ସିଂ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷକ ବିପିନ ପ୍ରଧାନ, ବିକାଶ ପଟ୍ଟନାୟକ, କବିର ମଲିକ, ସଂଘମିତ୍ରା ସାହୁ, ସିଆର୍‌ସିସି ଅଶୋକ ମହାରାଜ ସମେତ ସ୍କୁଲ ପରିଚଳନା କମିଟି ସଭାପତି ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରତି ୩ ମାସରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଧାରାବାହିକ ଭାବେ ସଚେତନ ବାର୍ତ୍ତା ଜାରି ରହିବ। ସ୍ୱଚ୍ଛ, ସୁସ୍ଥ ଓ ସବୁଜ ପୃଥିବୀ ଗଢ଼ିବା ପାଇଁ ପ୍ରଧାନ ଶିକ୍ଷକ ସିଂ ମତବ୍ୟକ୍ତ କରିଛନ୍ତି।

## ସ୍ୱାଧୀନତା ପରେ ସାହିତ୍ୟ ରାଷ୍ଟ୍ରମନସ୍କ ରହିନାହିଁ

କେନ୍ଦ୍ରାପଡ଼ା, ୨୧।୧୨ (ଜଗନ୍ନାଥ ଧଳ)

### ରାଷ୍ଟ୍ରବାଦୀ କବିତା ମହୋତ୍ସବ

ସାହିତ୍ୟ ଅର୍ଥ ସମାଜର ହିତ ପାଇଁ ଉଦ୍ଦିଷ୍ଟ। ଫ୍ରାନ୍ସ ରାଷ୍ଟ୍ର ବିପ୍ଳବ ସାହିତ୍ୟରୁ ସୃଷ୍ଟି। ବନ୍ଦେ ମାତରମ ମନ୍ତ୍ର ଭାରତର ସ୍ୱାଧୀନତା ପାଇଁ ବାଟ ଖୋଲିଦେଲା। ତେବେ ଦେଶ ସ୍ୱାଧୀନତା ପରେ ସାହିତ୍ୟର ଅବମୂଲ୍ୟାୟନ ହୋଇଛି। ରାଷ୍ଟ୍ରମନସ୍କ ହୋଇ ରହିନାହିଁ ବୋଲି ରାଷ୍ଟ୍ରବାଦୀ କବିତା ମହୋତ୍ସବର ମୁଖ୍ୟଅତିଥି ଜଗବନ୍ଧୁ ମିଶ୍ର ମତ ଦେଇଛନ୍ତି। ସହରର ତିନିମୁହାଣୀସ୍ଥ ମାନବ ପ୍ୟାଲେସ ମଣ୍ଡପରେ ଜୟରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ମହୋତ୍ସବ ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଥିଲା। ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ତଥା ବୁଦ୍ଧିଜୀବୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରହିତରେ ସାହିତ୍ୟ ଶୀର୍ଷକର ଆଲୋଚନା କରିଥିଲେ। ଏଠାରେ ସେ କହିଥିଲେ, ଦେଶ ସ୍ୱାଧୀନତା ପୂର୍ବରୁ ଆମ ସନାତନ ସଂସ୍କୃତିକୁ ବଞ୍ଚାଇ ରଖିବା ଓ ଦେଶ ସ୍ୱାଧୀନତା ପାଇଁ କଲମ ଚାଳନା ହେଉଥିଲା। କବିବର ରାଧାନାଥ ରାୟ,



କବି ବିଜୟ ରରାୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୁନ୍ତଳା କୁମାରୀ ସାବତ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ସାଧାରଣ ଲୋକ ସାହିତ୍ୟ ମାଧ୍ୟମରେ ଜନଜାଗରଣ ସୃଷ୍ଟି କରିଥିଲେ। ଦେଶ ସ୍ୱାଧୀନତା ପରେ ଆବଶ୍ୟକତା ଅଭାବରୁ ଖାଦ୍ୟ, ବସ୍ତ୍ର, ବାସସ୍ଥାନ ବା ନିଜକୁ ବଞ୍ଚିବା ପାଇଁ ଚିନ୍ତା ବଢ଼ିଲା। ଏହି ସମୟରେ ସାମ୍ୟବାଦ ଚିନ୍ତାଧାରା ପଶି ଆସିବାରୁ କଳା, ସଂସ୍କୃତି ଆଦି ପଛରେ ରହିଲା। ଫଳରେ ସ୍ୱାଧୀନତା ପୂର୍ବର ବନ୍ଦେ ମାତରମ ପରି ଦୁଇଟି ଶବ୍ଦ ଉଚ୍ଚାରଣ ପାଇଁ ଅନେକ ପଛଘୁଞ୍ଚା ଦେଉଛନ୍ତି। ରାଷ୍ଟ୍ର ନିଷ୍ଠ ଭାବନା ସହ ଶୃଙ୍ଖଳିତ ଜୀବନ ସମ୍ପର୍କରେ କଲମ ଚାଳନା ପାଇଁ ମୁଖ୍ୟଅତିଥି ମିଶ୍ର ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କବି ବିଜୟ ରାୟଙ୍କୁ ସରସ୍ୱତୀ ଦେବୀ ସ୍ମାରକୀ କବିତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେସନରେ ନିମନ୍ତ୍ରିତ କବି ପ୍ରତିଭା ପ୍ରିୟଦର୍ଶନୀ, କ୍ଷୀରାବ୍ଦୀ ତନୟା ରାଉଳ, ନିର୍ଝରଣୀ ପଣ୍ଡା, ତନୁଜା ରାଉତ, କାକୁଲି ମଲ୍ଲିକ, ଶକ୍ତିପ୍ରଦା ମହାପାତ୍ର, ପବିତ୍ର ସାହୁ, ପ୍ରଜ୍ଞା ପାରମିତା ଆଚାର୍ଯ୍ୟ ସ୍ୱରଚିତ ରାଷ୍ଟ୍ରବାଦୀ କବିତା ପାଠ କରିଥିଲେ। ଏହାକୁ କବି ଦିପ୍ତି ଦାସ ଓ ଗୀତାଶ୍ରୀ ଦାସ ସଂଯୋଜନା କରିଥିଲେ। ଏଥିସହ ରାଷ୍ଟ୍ରବାଦୀ କବିମାନଙ୍କୁ ମମତା ସିହ୍ନା ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଯୁବ ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବକୁ ବୀରେନ୍ଦ୍ର ଦାସ, ସୁଶାନ୍ତ ନାୟକ, ମଳୟ ସାହୁ, ଦେବେଶ ବେହେରା, ପଙ୍କଜ ସିହ୍ନା, ମଳୟ କୁମାର ସାହୁ, ରୀନାରାଣୀ ଦାସ, ନମିତା ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଜାନୁଆରୀ ୭ରେ ଲୋକଭବନ ଆଗରେ ଆନ୍ଦୋଳନ

■ ଯାଜପୁର ରୋଡ଼-ଧାମରା ରେଳପଥ ଦାବି

■ ଫେବୃଆରୀ ୧୧ରେ ରେଳରୋକୋ



ବୈଠକରେ ଯାଜପୁର ରୋଡ୍ ଧାମରା ରେଳପଥ ସଂଗ୍ରାମ ସମିତିର କର୍ମକର୍ତ୍ତା।

**ଯାଜପୁର ଟାଉନ,୨୧।୧୨ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଟାଉନ ସ୍ଥିତ ଶାନ୍ତି ମଣ୍ଡପଠାରେ ରବିବାର ଯାଜପୁର ରୋଡ଼ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପୂର୍ଣ୍ଣ ସରକାରୀ ବ୍ୟୟରେ ଯାଜପୁର ରୋଡ଼ -ଧାମରା ଭାୟା ଯାଜପୁର ଓ ଆରଡ଼ି ରେଳପଥ ନିର୍ମାଣ ଦାବିରେ ୨୦୨୬ ଜାନୁଆରୀ ୭ରେ ଲୋକ ଭବନ(ପୂର୍ବରୁ ଥିବା ରାଜଭବନ) ସମ୍ମୁଖରେ ଗଣଧାରଣା ଦେବାକୁ ଆହ୍ୱାନ ଦିଆଯାଇଛି। ବୈଠକରେ ଏହି ପ୍ରକଳ୍ପକୁ ସରକାରୀ ଓ ବେସରକାରୀ ଭାଗିଦାରୀ ବ୍ୟବସ୍ଥାରେ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ, ପରିବହନ ସଚିବ ଓ ଶିଳ୍ପ ସଚିବ, ପୂର୍ବତଟ ରେଳପଥ ପକ୍ଷରୁ ମୁଖ୍ୟ ପ୍ରଶାସନିକ ଅଫିସର (ନିର୍ମାଣ) ଏବଂ ବିଭିନ୍ନ କର୍ପୋରେଟ ସଂସ୍ଥା ପ୍ରତିନିଧିଙ୍କ ଯେଉଁ ବୈଠକ ଅନୁଷ୍ଠିତ ହୋଇଥିଲା, ସେ ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ ସହ ଆଗାମୀ କେନ୍ଦ୍ର ବଜେଟରେ ବ୍ୟୟବରାଦ କରିବାକୁ ମଧ ଦାବି କରାଯାଇଛି। ଆବାହକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମିତିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ସମେତ ଦେବେନ୍ଦ୍ର ପଣ୍ଡା, ଦିଲୀପ ଦଳେଇ, ବିଦ୍ୟସିଂହ ନାୟକ, ବିଜୟ ପରିଡ଼ା, ହରିଶ୍ଚନ୍ଦ୍ର ପଣ୍ଡା, ସଂଗ୍ରାମ ପାତ୍ର, ଶିଶିର ନାୟକ, ପ୍ରଫୁଲ୍ଲ ନାୟକ, ଲଳିତ ମୋହନ ରାୟ, ସୁରେନ୍ଦ୍ର ରାୟ, ପ୍ରଫୁଲ୍ଲ ପାଢ଼ୀ, ଗିରିଧାରୀ ନାଥ, ବିକାଶ ନାଥ ଓ ଗଣେଶ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ପ୍ରସ୍ତାବ ସପକ୍ଷରେ ଆଲୋଚନା କରିଥିଲେ। ବୈଠକରେ ଗୃହୀତ ପ୍ରସ୍ତାବରେ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯାଇ କୁହାଯାଇଛି ଯେ, ଆଗାମୀ କେନ୍ଦ୍ର ବଜେଟରେ ଯଦି ପ୍ରକଳ୍ପକୁ ମଞ୍ଜୁରୀ ସହ ଏଥିପାଇଁ ବ୍ୟୟବରାଦ କରା ନ ଯାଏ, ତେବେ ଫେବୃଆରୀ ୧୧ରେ ଯାଜପୁର ରୋଡ଼, ଭଦ୍ରକ ଓ ଧାମରାରେ ରେଳରୋକୋ କରାଯିବ।

## ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଧର୍ମଶାଳା,୨୧।୧୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ଯୋଗଦେଇ ଛାତ୍ରୀଛାତ୍ର କ୍ରୀଡ଼ା କ୍ଷେତ୍ରରେ ଯିବା ପାଇଁ ପରାମର୍ଶ ଦେବା ସହ ଶୃଙ୍ଖଳା ମଣିଷକୁ ଅଗ୍ରଗତି କରାଏ ବୋଲି କହିଥିଲେ। ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ବିଶ୍ୱ ବିଜୟନୀ ମିଶ୍ର ଯୋଗଦେଇ ଶାରୀରିକ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଖେଳ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ଓ କ୍ରୀଡ଼ା ସଂଯୋଜକ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ଅନୁଷ୍ଠିତ ୧୦ଟି ଖେଳକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଛାତ୍ରୀଙ୍କ ମଧ୍ୟରୁ ତୁଳସୀ ସାହୁ, ଛାତ୍ରଙ୍କ ମଧ୍ୟରୁ ସୂର୍ଯ୍ୟକାନ୍ତ ସେଠୀ ଚାମ୍ପିୟନ ହୋଇଥିଲେ। ଚାମ୍ପିୟନ ଓ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଅଧ୍ୟାପକ ଅରୁଣ ନାୟକ, ନିରାକର ରଥ, ରଞ୍ଜନ ଦାସ, ରଘୁନାଥ ରାଉତ, ପୂର୍ଣ୍ଣଚନ୍ଦ୍ର ଦାଶ, ଗୋକର୍ଣ୍ଣେଶ୍ୱର ବେହେରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଅଭିମନ୍ୟୁ ସାହୁ ଧନ୍ୟବାଦ ଦେଇଥିଲେ।

## ଓଏସ୍ଆର୍‌ୟୁର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

**ଯାଜପୁର ସଦର,୨୧।୧୨ (ସମର ବିଜୟ ଶରଣ):** ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ସେଲସ ରିପ୍ରେଜେଣ୍ଟେଟିଭି ସଂଘ(ଓଏସ୍ଆରୟୁ) ଯାଜପୁର ଶାଖାର ୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ଆରମ୍ଭରେ ଯାଜପୁର ଓଏସଆରୟୁର ସଭାପତି ପ୍ରଭାତ ତ୍ରିପାଠୀ ପତାକା ଉତ୍ତୋଳନ କରିଥିଲେ। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ତ୍ରିପାଠୀ ନିଜ ଅଭିଭାଷଣରେ ଯାଜପୁର ଜିଲାରେ ସଂଗଠନକୁ କିପରି ସୁଦୃଢ଼ କରାଯିବ ସେ ନେଇ ଆଲୋକପାତ କରିଥିଲେ। ସମ୍ପାଦକ ସଂଗ୍ରାମ ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଘ କାର୍ଯ୍ୟକର୍ତ୍ତା ସନ୍ଦୀପ ସାହୁ ଲେବର କୋଡ୍ ବିଷୟରେ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ସଂଘର ଉପସଭାପତି ମଳୟ ନିଶିଥ ନିଜ ବକ୍ତବ୍ୟରେ ସଂଘର ନିୟମ, ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ଗ୍ରାଚୁଇଟି ନିୟମ, ଅନଲାଇନ ମେଡିସିନର କୁପ୍ରଭାବ, ସରକାରଙ୍କ ଦ୍ୱାରା ଦିଆଯାଉଥିବା ନିମ୍ନମାନର ମେଡିସିନର ସମସ୍ୟା ଉପରେ ସୂଚନା ପ୍ରଦାନ କରିଥିଲେ।

ସଭାରେ ନିମନ୍ତ୍ରିତ ଅତିଥି ଡା. ମଦନ ମୋହନ ସାମଲ, ଡା. ନିମାଇଁ ଚରଣ ନାୟକ, ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ଡା. ବିଜୟ ଶତପଥୀ, ଡା. ବିଦ୍ୟାଧର ପାତ୍ର, ସ୍କାୟଲାବ ଫାର୍ମାର ମାଲିକ ଧୀର କିଶୋର ସାହୁ, ଗାୟତ୍ରୀ ଫାର୍ମା ମାଲିକ ଶରତ ଚନ୍ଦ୍ର ଦାସ, ଆନନ୍ଦ ଚନ୍ଦ୍ର ବେହେରା(ଆନନ୍ଦ ଫାର୍ମା), ପ୍ରଦୀପ ଦାସ (ଧରିତ୍ରୀ ଫାର୍ମା)ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ରାଜ୍ୟ ସଂଘ ସମ୍ପାଦକ ସତ୍ୟବ୍ରତ ସାମଲଙ୍କ ଦ୍ୱାରା ସମସ୍ତଙ୍କୁ ଶ୍ରମ ଆଇନ, ସରକାରଙ୍କ ଶ୍ରମିକ ଆଇନର ପରିବର୍ତ୍ତନର ପ୍ରଭାବ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ଡା. ବିଜୟ ଶତପଥୀ, ଡା. ନିମାଇଁ ଚରଣ ନାୟକ ନିଜ ବକ୍ତବ୍ୟ ମାଧ୍ୟମରେ ସଂଘର ସମସ୍ତ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ପରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ପୁନର୍ବାର ସଭାପତି ଭାବେ ପ୍ରଭାତ ତ୍ରିପାଠୀ, ଉପସଭାପତିଭାବେ ରୋମାନ୍ସ ସାମଲ, ସମ୍ପାଦକଭାବେ ସଂଗ୍ରାମ ସାମଲ, କୋଷାଧ୍ୟକ୍ଷ ଭାବେ ଚିତ୍ତରଞ୍ଜନଙ୍କୁ ନିର୍ବାଚିତ କରାଯାଇଥିଲା।

## ଯାଜପୁର ଡିଡିଏମ୍‌ଙ୍କ ଦରମା ବନ୍ଦ ସହ କାର୍ଯ୍ୟାନୁଷ୍ଠାନ ସୁପାରିସ

■ ବେଆଇନ ଖନନ, ବାଲି ଚୋରା ଚାଲାଣ ଓ ରାଜସ୍ୱ ହାନି ପ୍ରସଙ୍ଗ

■ ଯାଜପୁର ଜିଲାପାଳଙ୍କୁ ଜଗତ୍‌ସିଂହପୁର ଜିଲାପାଳଙ୍କ ଚିଠି

**ଜଗତ୍‌ସିଂହପୁର, ୨୧।୧୨ (ପ୍ରମୋଦ କୁମାର ନାୟକ):** ଜଗତ୍‌ସିଂହପୁର ଜିଲାରେ ବେଧଡକ ବାଲି ଖନନ ସାଙ୍ଗକୁ ଚୋରା ଚାଲାଣକୁ ନେଇ ଜଗତ୍‌ସିଂହପୁର ଜିଲାପାଳ ଜେ. ସୋନାଲ କ୍ଷୁବ୍ଧ ହୋଇଛନ୍ତି। ବିଶେଷକରି ଖଣି ବିଭାଗ ଯାଜପୁର ସର୍କଲ ଉପ ନିର୍ଦ୍ଦେଶକ (ଡିଡିଏମ୍) ଜୟ ପ୍ରକାଶ ନାୟକଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷବ୍ୟକ୍ତ କରିଛି। ତୁରନ୍ତ ଡିଡିଏମ ନାୟକଙ୍କ ଦରମା ବନ୍ଦ ସହ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜେ.ସୋନାଲ ଶନିବାର ଯାଜପୁର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଜିଲାପାଳ ସୋନାଲ ଏଥିରେ ଦର୍ଶାଇଛନ୍ତି, ଡିଡିଏମ୍ ନାୟକ ସରକାରୀ କାର୍ଯ୍ୟରେ ଗୁରୁତର ଅବହେଳା କରିଛନ୍ତି। ଏପରିକି ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶକୁ ମଧ ଅବମାନନା କରିବାକୁ ପଛାଇନାହାନ୍ତି। ଜଗତ୍‌ସିଂହପୁର ଜିଲାରେ ବାଲି ଖନନ ଉପରେ ଉପଯୁକ୍ତ ଅନୁଧ୍ୟାନ କି ତଦାରଖ କରୁନାହାନ୍ତି। ଏ ସମ୍ପର୍କରେ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଡିଡିଏମ୍‌ଙ୍କ ନିଲମ୍ବନ ସହ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ପ୍ରସ୍ତାବ ଏବେ ସରକାରଙ୍କ ସକ୍ରିୟ ବିଚାରାଧୀନ ଅଛି। ତେଣୁ ନାୟକଙ୍କ ଦରମା ତୁରନ୍ତ ବନ୍ଦ କରାଯାଉ। ଏଥିସହ ଯାଜପୁର ଟ୍ରେଜେରି ଅଧିକାରୀଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନାୟକଙ୍କ ଦରମା ବିଲ୍ ଗ୍ରହଣ ନ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ, ଗତ ନଭେମ୍ବର ୨୫ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମହାନଦୀର କିଲିପାଳ ବାଲିଘାଟ ନିକଟରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣବେଳେ ବଡ ଧରଣର ଚଢ଼ାଉ ଯୋଗୁ ୩ଟି ଏକ୍ସଭେଟର ସମେତ ୪୬ ବାଲି ବୋଝେଇ ହାଇୱା ଜବତ ହୋଇଥିଲା। ଏହି ଘଟଣାରେ ୫ ଜଣ ଗାଡି ଚାଳକ ଓ ଜଣେ ମେକାନିକ ଗିରଫ ହୋଇଥିଲେ। ଉକ୍ତ ଚଢ଼ାଉରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଜିଲାପାଳ ଜେ. ସୋନାଲ, ଏସ୍‌ପି ଅଙ୍କିତ ବର୍ମା ଓ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ସାମିଲ ହୋଇଥିଲେ। ଏହି ଚଢ଼ାଉ ସମୟରେ ଅନେକ କିଛି ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥିଲା। ସେନେଇ ତିର୍ତ୍ତୋଲ ଥାନାରେ ମାମଲା ରୁଜୁ ସହ ତଦନ୍ତ ଚାଲିଛି। ନିୟମ ଅନୁଯାୟୀ ୧୩ ଏକର ନିଲାମ ଅଞ୍ଚଳ ଚାରିପଟେ ପାଚେରି ଖୁଣ୍ଟ ହେବା କଥା, ଯାହା ହୋଇ ନ ଥିଲା। କେବଳ ଏତିକି ନୁହେଁ,ଏକ୍ସଭେଟର ବ୍ୟବହାର ହୋଇ ନିଲାମ ଅଞ୍ଚଳ ଓ ବାହାରୁ ଗଭୀର ଭାବେ ବାଲି ଉତ୍ତୋଳନ କରାଯାଉଥିଲା। ବିଭିନ୍ନ ମାଧ୍ୟମରେ ନିଲାମଧାରୀ ବାର୍ଷିକ ୧୫,୨୮,୭୯,୩୦୦ ଟଙ୍କା ବେଆଇନ ଭାବେ ଅର୍ଥ ପାଉଥିବା ଜଣାଯାଇଥିଲା। ଏହାଦ୍ୱାରା ରାଜ୍ୟର ପ୍ରଭୂତ କ୍ଷତି ହୋଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ସେହିପରି ଗତ ୧୧ ତାରିଖରେ ଜଇପୁର ଘାଟରେ ଆଉ ଏକ ଚଢ଼ାଉ ହେବା ସହ ୨୨ଟି ହାଇୱା ଜବତ ସହ ୩ ଜଣ ଗିରଫ ହୋଇଥିଲେ। ନଦୀରେ ୧୦୦ ଟ୍ରିପ୍ ବାଲି ଗଦା ହୋଇ ରହିବା ପ୍ରସଙ୍ଗ ବାଲି ଚୋରିର ଗମ୍ଭୀରତାକୁ ବଢ଼ାଇ ଦେଇଥିଲା। ଏହା ଉପରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଜିଲା ଖଣି ଅଧିକାରୀ ସତିଶ ତରାଇଙ୍କ ବିରୋଧରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କଲା ପରେ ମାମଲା ରୁଜୁ ହୋଇଛି। ସେବେଠାରୁ ଜିଲା ଖଣି ଅଧିକାରୀ ଛୁଟିରେ ରହିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ସୁସ୍ଥ ନିରାମୟ ଜୀବନ ପ୍ରାର୍ଥନା ଉତ୍ସବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

**ବରୀ,୨୧।୧୨(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ ଅନ୍ତର୍ଗତ ଗମ୍ଭୁ ଉଚ୍ଚ ବିଦ୍ୟାଳୟରେ ପୁରାତନ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସୁସ୍ଥ ନିରାମୟ ଜୀବନ ପ୍ରାର୍ଥନା ଉତ୍ସବ ନାମରେ ଏକ ପୂଜ୍ୟପୂଜା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ କୁମରବର ଦାସ ଯୋଗଦେଇ ଗୁରୁ ବା ଶିକ୍ଷକ ନିଜ ପିତାମାତାଠାରୁ ଅଧିକ ବୋଲି ବିଭିନ୍ନ ଉଦାହରଣ ଦେଇଥିଲେ। ଗମ୍ଭୁ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ହେମନ୍ତ ମହାପାତ୍ର, ମଧ ଇଂରାଜୀ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ କାଙ୍ଗାଳି ଚରଣ ଜେନା, ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସୀତାମଣୀ ଦେଈଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସଭାପତି ପ୍ରତାପ ଦାସ ଅଧ୍ୟକ୍ଷତା କରିଥିଲେ। ପୁରାତନ ଛାତ୍ର କେଦାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଭାଗ୍ୟଧର ସାହୁ, ଶିକ୍ଷକନେତା ନିର୍ମଳ ଜେନା, ସାମାଜିକ କର୍ମୀ ସଞ୍ଜିବ ଜେନା, କାଶୀନାଥ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ ଶତପଥୀ, କାଦମ୍ବିନୀପାଳ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମି ବେଉରିଆ, ପୋଲିସ ଅଧିକାରୀ ଲମ୍ବୋଦର ଜେନା, ସେଣ୍ଟ୍ ଜୋସେଫ ବିଦ୍ୟାଳୟ ପ୍ରତିଷ୍ଠାତା ଅଭିମନ୍ୟୁ ମଲିକ, ଶିକ୍ଷକ ସତ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଉପସ୍ଥିତ ପ୍ରାକ୍ତନ ପ୍ରଧାନଶିକ୍ଷକ ହେମନ୍ତ ମହାପାତ୍ର ଓ ସୀତାମଣି ଦେଈଙ୍କ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ କୃଷକନେତା ନିମାଇଁ ରାୟ, ସାମାଜିକ କର୍ମୀ ନକୁଳ ଦାସ, କାହ୍ନୁଚରଣ ବେହୁରା, ପ୍ରଧାନଶିକ୍ଷକ ଅମରେନ୍ଦ୍ର ରାଉତ, ଶିକ୍ଷକନେତା ପ୍ରଭାକର ଜେନା, ସାଧନକେନ୍ଦ୍ର ସଂଯୋଜକ ନର୍ମଦା ପ୍ରଧାନ, ଶିକ୍ଷକ ଅଜୟ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜ୍ୟପୂଜା ବିଭାଗ ସଭାପତି ଶିକ୍ଷକ ହେମନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସାଲେପୁର, ଚିଓ୍ୱାଲୋ କଲେଜ ବିଜୟୀ

**ଯାଜପୁରରୋଡ୍, ୨୧।୧୨ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ମହାବିଦ୍ୟାଳୟରେ ଚାଲୁଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟର୍ ରବିବାର ଖେଳରେ ସାଲେପୁର ଓ ଚିଓ୍ୱାଲୋ କଲେଜ ବିଜୟୀ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ବାଜିରାଉତ କଲେଜ ଭୁବନ ଓ ସାଲେପୁର କଲେଜ ମଧ୍ୟରେ ହୋଇଥିଲା। ଟସରେ ବିଜୟୀ ହୋଇ ସାଲେପୁର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୪୫ ରନ କରିଥିଲା। ଦଳ ତରଫରୁ ସମ୍ଭବ ଓଝା ୬୧ ରନ କରିଥିଲେ। ଜବାବରେ ବାଜିରାଉତ କଲେଜ ୧୫ ଓଭରରେ ୯ ଉଇକେଟ ହରାଇ ୮୫ ରନ କରି ପରାଜିତ ହୋଇଥିଲା। ସାଲେପୁରର ସମ୍ଭବ ଓଝାଙ୍କୁ ତେଜ ହୋଣ୍ଡା ତରଫରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଦ୍ୱିତୀୟ ମ୍ୟାଚ ଚିଓ୍ୱାଲୋ କଲେଜ ଓ କାମାକ୍ଷାନଗର କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାମାକ୍ଷାନଗର ଟସରେ ବିଜୟୀ ହୋଇ ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ଚିଓ୍ୱାଲୋ କଲେଜ ୧୨ ଓଭରରେ ୪ ଉଇକେଟ ହରାଇ ୧୪୫ ରନ କରିଥିଲା। ଦଳ ତରଫରୁ ଧନଞ୍ଜୟ ମିଶ୍ର ୫୧ ରନ କରିଥିଲେ। ଏହାର ଜବାବରେ କାମାକ୍ଷାନଗର ୧୨ ଓଭରରେ ୫ ଉଇକେଟ ହରାଇ ମାତ୍ର ୮୧ ରନ କରି ପରାଜୟ ସ୍ୱୀକାର କରିଥିଲା। ଚିଓ୍ୱାଲୋ କଲେଜ ୬୩ ରନରେ ବିଜୟୀ ହୋଇଥିଲା। ତେଜ ହୋଣ୍ଡା ତରଫରୁ ଧନଞ୍ଜୟ ମିଶ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

**ବଡ଼ଚଣା,୨୧।୧୨(ଦିଲୀପ କୁମାର ମହାନ୍ତି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ରଧାଦେଈପୁର ପଞ୍ଚାୟତ ବିଲିକଣା ଗ୍ରାମର ଅବସରପ୍ରାପ୍ତ ସୈନିକ ଅନନ୍ତ ଚରଣ ସାମଲ(୫୫)ଙ୍କ ପରଲୋକ ହୋଇଯାଇଛି। ସେ ବସିଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟରେ ସୁଧାର ଆସିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଳିଙ୍ଗନଗରସ୍ଥିତ ଟାଟା ମେଡିକା ହସ୍ପିଟାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ଦକ୍ଷ ସୈନିକ ଭାବରେ ନିଜର କାର୍ଯ୍ୟ ସମ୍ପାଦନ କରି ଅବସର ନେଇଥିଲ। ଅବସର ପରେ ସେ ଏକ ଡିଫେନ୍ସ ଟ୍ରେନିଂ ଏକାଡେମୀ ପ୍ରତିଷ୍ଠା କରି ବହୁ ଛାତ୍ରୀଛାତ୍ରଙ୍କୁ ସେନା ବାହିନୀରେ ନିଯୁକ୍ତି କରାଇଥିଲେ। ତାଙ୍କ ବିୟୋଗ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ତାଙ୍କ ଶୋକ ସନ୍ତପ୍ତ ପାରିବାରକୁ ସମବେଦନା ଜଣାଇଛନ୍ତି। ଏକାଡେମୀ ସମ୍ପାଦକ ସୌମ୍ୟ ରଞ୍ଜନ ଦାସ, ସହସମ୍ପାଦକ ଶ୍ରୀନିବାସ ବିଶ୍ୱାଳ, ଉପସଭାପତି ଧ୍ରୁବେଶ୍ୱର ଦାସ, ହଟକିଶୋର ଜେନା, ଅରୁଣ ସେଠୀ, ଗଗନ ବିହାରୀ ରାଉତରାୟ, ଗଣେଶ୍ୱର ସ୍ୱାଇଁ, ଦେବାଶିଷ ବଳ, ରଂଜନ କୁମାର ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ବରିଷ୍ଠ, କନିଷ୍ଠ ବିଭାଗରେ ୧୯୦ ପ୍ରକଳ୍ପ ପ୍ରଦର୍ଶିତ

### ଜିଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ



ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ରସୁଲପୁର,୨୧।୧୨(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଓ କନିଷ୍ଠ ବାଳ ବିଭାଗରେ ୧୯୦ରୁ ଉର୍ଦ୍ଧ୍ୱ ଇନୋଭେଟିଭ୍ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଶନିବାର ପୂର୍ବାହ୍ନରେ ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ କର ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଜିଲାରୁ ୫୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରୁ ଉଭୟ ବର୍ଗରେ ସ୍ଥାନ ପାଇଥିବା ପ୍ରକଳ୍ପକୁ ମୂଲ୍ୟାୟନ କରାଯାଇ ଶ୍ରେଷ୍ଠ ପ୍ରକଳ୍ପ ଚୟନ କରାଯାଇଥିଲା। କୁନି ବୈଜ୍ଞାନିକଙ୍କୁ ୭ଟି ଥିମ୍ ପ୍ରଦାନ କରାଯାଇଥିଲା। ପ୍ରତିଯୋଗୀ ସାମ୍ପ୍ରତିକ ସ୍ଥିତି ଓ ଥିମକୁ ଆଧାରକରି ପ୍ରକଳ୍ପ ଚୟନ କରିଥିଲେ। ବିଶେଷକରି ପରିବର୍ତ୍ତିତ ପାଣିପାଗ, ଆଧୁନିକ କୃଷି, ପ୍ରାକୃତିକ ଶକ୍ତି ବ୍ୟବହାର, ଜଳ, ମୃତ୍ତିକା ସଂରକ୍ଷଣ, ସମାଜ ମଙ୍ଗଳରେ ବିଜ୍ଞାନର ଉପଯୋଗ ଭଳି ବହୁ ଆକର୍ଷଣୀୟ ପ୍ରକଳ୍ପ ସ୍ଥାନିତ ହୋଇଥିଲା।

ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କୁ ନେଇ ଏକ ଜୁରୀ କମିଟି ଗଠନ କରାଯାଇଥିଲା।

ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯାଜପୁରର ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସବିତା ସାହୁ, ରସୁଲପୁର ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ କୁମାରସେନ ସେନାପତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଓଡଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷକ ନିରଞ୍ଜନ ସାମଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଥିମ୍‌ରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ କରାଯାଇଥିଲା। ସେମାନେ ହେଲେ ବିଞ୍ଝାରପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ର ଶୁଭ୍ରଜିତ୍ ଜେନା, ଯାଜପୁର ଓଏଭିର ଦେବୀ ପ୍ରସାଦ ନାୟକ, ଦାନଗଦି ଓଏଭିର ସୁଜୟ ବଳ, ରସୁଲପୁର ଓଏଭିର ପାବକୀ ଦାଶ, ରସୁଲପୁର ବ୍ଲକ କୃଷ୍ଣପଡା ଉପ୍ରା ବିଦ୍ୟାଳୟର ସ୍ମୃତି ସଂଗୀତା ବେହେରା, ଅମ୍ବିକାଦେବୀ ଉଚ୍ଚ ବିଦ୍ୟାଳୟର ବିଶ୍ୱରଞ୍ଜନ ମହାପାତ୍ର, ବିଞ୍ଝାରପୁର ତଳବନ୍ଧ ଉଚ୍ଚ ବିଦ୍ୟାଳୟର ଜ୍ୟୋତିର୍ମୟୀ ସାମଲ।

ଉକ୍ତ କାର୍ଯ୍ୟକ୍ରମରେ ସଫଳ କୁନି ବୈଜ୍ଞାନିକ ରାଜ୍ୟସ୍ତରରେ ସଫଳତା ଅର୍ଜନକରି ଜିଲା ପାଇଁ ଗୌରବ ଆଣିଥିବା ଦର୍ପଣଗଡ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଫାତିମା ଫିରଫୋସ ଓ ଗାଇଡ ଶିକ୍ଷକ ବିବେକାନନ୍ଦ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ବିଷ୍ଣୁ ଚରଣ ସାହୁ, ପ୍ରକାଶ ପଣ୍ଡା, ପ୍ରଧାନ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳ, ସିଆରସିସି ଦେବକୀ ପାତ୍ର, ଅବିନାଶ ଆଏଚ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିବାରେ ସହଯୋଗ କରିଥିଲେ। ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ନେହମୟୀ ଜେନା ଧନ୍ୟବାଦ ଦେଇଥିଲେ।

## ମଇଁଷି ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ

**ରସୁଲପୁର,୨୧।୧୨(ରଞ୍ଜିତ ରାଉତ):** କୁଆଖିଆ-ଜେନାପୁର ପୂର୍ତ୍ତ ବିଭାଗ ରାସ୍ତାର ଗୋପୀନାଥପୁର ଛକ ନିକଟରେ ଶନିବାର ରାତିରେ ଏକ ମଇଁଷି ବୋଝେଇ ପିକଅପଭ୍ୟାନକୁ କୁଆଖିଆ ପୋଲିସ ଜବତ କରିଛି। ବଜରଙ୍ଗ ଦଳର କର୍ମୀ ଏହି ଗାଡ଼ିକୁ ଅଟାକଇ ପୋଲିସ ଜିମା ଦେଇଥିଲେ। ଉକ୍ତ ଗାଡ଼ିରେ ୮ ମଇଁଷି ରହିଥିବା ଜଣାପଡିଥିଲା। ଏନେଇ ପୋଲିସ ନଂ.୫୪୩/୨୫ରେ ଏକ ମାମଲା ରୁଜୁ କରିବା ସହ ଗାଡ଼ି ମାଲିକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ମଧୁବନ ପାଞ୍ଚଗୋଛିଆ ଗ୍ରାମର ତପନ ତରାଇ ଥାନାରେ ଦେଇଥିବା ଅଭିଯୋଗ ଅନୁସାରେ, ପିକଅପ୍‌ଭ୍ୟାନ ଓଡ଼ିଆର୍-୦୧-ଜିପି-୩୮୩୩ରେ ମଇଁଷିଙ୍କୁ ବୋଝେଇ କରାଯାଇ ବାହାରକୁ ଚାଲାଣ କରାଯାଉଥିଲା। ଗାଡିକୁ ବଜରଙ୍ଗଦଳର କର୍ମୀ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ି କାଗଜପତ୍ର ଯାଞ୍ଚ କରିଥିଲା। ଗାଡିର ମାଲିକ ପୋଲିସକୁ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ।

GOVERNMENT OF ODISHA, "e" PROCUREMENT NOTICE
OFFICE OF THE SUPERINTENDING ENGINEER
NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E. Nayagarh (R&B) Division - Online 10/2025-26
No. B-838: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of building work as detailed in the table below:

| | | |
|---|---|---|
| 1. | Nature of Work | : Building Works |
| 2. | No. of Work | : 4 Nos. |
| 3. | Tender Cost & EMD | : To be remitted online through a process as mentioned in DTCN |
| 4. | Class of Contractor | : As mentioned in DTCN |
| 5. | Available of Bid document in the Website | : From Dt.26.12.2025 11.00 A.M. to Dt.06.01.2026 Upto 5.00 P.M. |
| 6. | Date of Opening of Bid | : Dt.07.01.2026 at 11.00 A.M. |
| 7. | The have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website. | |

Sd./- Superintending Engineer
Nayagarh (R&B) Division, Nayagarh
OIPR-34138/11/0028/2526

# ଖେଳରେ ଶ୍ରମର ଫଳ ନିଶ୍ଚିତ

ଜଗତ୍‌ସିଂହପୁର,୨୧।୧୨ (ପ୍ରମୋଦ କୁମାର ନାୟକ)

ଅତୀତରେ ଅନେକ ସ୍ୱନାମଧନ୍ୟ କ୍ରୀଡ଼ାବିତ୍ ଥିଲେ, ଯେଉଁମାନଙ୍କୁ ଆଗକୁ ଯିବାକୁ ସୁଯୋଗ ମିଳୁ ନ ଥିଲା। କିନ୍ତୁ ସମୟ ବଦଳିଛି। ଏଥିରେ ଉଜ୍ଜ୍ୱଳ ଭବିଷ୍ୟତ ଅଛି। ଅପୂର୍ବ ସୁଯୋଗ ସୃଷ୍ଟି ହେଉଛି। ଏବେ ଯେ କେହି ଚାହିଁଲେ କ୍ରୀଡ଼ାକୁ ବୃତ୍ତି ଭାବେ ଗ୍ରହଣ କରିପାରିବେ। ତେଣୁ ପିଲାମାନେ ଖେଳରେ ଶ୍ରମ ଦିଅନ୍ତୁ, ଫଳ ନିଶ୍ଚୟ ମିଳିବ। ରବିବାର ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ଜିଲାସ୍ତରୀୟ ଓପନ ଦୌଡ଼କୁଦ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏହା କହିଛନ୍ତି। ସେ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପ୍ରତି ବ୍ଲକରେ ଗୋଟିଏ ହିସାବରେ ମଲ୍ଟି ପର୍ପୋଜ ଷ୍ଟାଡିୟମ ନିର୍ମାଣ ପାଇଁ ଚିନ୍ତା କରିଛନ୍ତି। ଏ ବାବଦରେ ଷ୍ଟାଡିୟମ ପିଛା ୧୪ କୋଟି ଟଙ୍କା ବିନିଯୋଗ ହେବ। ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ଅନ୍ତର୍ଜାତୀୟସ୍ତରର ସୁଇମିଂ ପୁଲ ନିର୍ମାଣ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ମନ୍ତ୍ରୀ ଶିଳାନ୍ୟାସ କରିବାକୁ ଆସିବେ। ଏଥିରେ ସନ୍ତରଣ ପାଇଁ ଅପୂର୍ବ ସୁଯୋଗ ସାଙ୍ଗକୁ ନିଯୁକ୍ତି ସୁଯୋଗ ମିଳିବ। ଜିଲା କ୍ରୀଡ଼ା ସଂସଦର ଏ ପର୍ଯ୍ୟନ୍ତ ଘରଟିଏ ମଧ୍ୟ ନାହିଁ। ଏହି ଅଭାବ ଖୁବ୍‌ଶୀଘ୍ର ଦୂର ହୋଇଯିବ। ବିଧାୟକଙ୍କ ପାଣ୍ଠିରେ ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ଏହି କୋଠା ପାଇଁ ଶିଳାନ୍ୟାସ ହେବ। ଉପର ମହଲାଟି ଜିଲା କ୍ରିକେଟ୍ ସଂଘକୁ ଦିଆଯିବ। ଏଥିସହ ଜିଲା କ୍ରୀଡ଼ା ସଂସଦ ସମ୍ପାଦକଙ୍କ ଅନୁରୋଧ ରକ୍ଷା କରି କ୍ରୀଡ଼ାବିତ୍‌ଙ୍କ ପାଇଁ ଖେଳ ସାମଗ୍ରୀ ମନ୍ତ୍ରୀ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବିଧାୟକ ଦାସ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଷ୍ଣୁ ଚରଣ ଦାସଙ୍କ ସ୍ମୃତିଚାରଣ କରି କହିଥିଲେ, ବିଷ୍ଣୁବାବୁଙ୍କ ଉଦ୍ୟମରେ ଜଗତ୍‌ସିଂହପୁର ଏକ ନୂଆ ଜିଲାର ପରିଚୟ ପାଇଥିଲା। କେବଳ ଏତିକି ନୁହେଁ, ତାଙ୍କ ବ୍ୟକ୍ତିଗତ ଉଦ୍ୟମରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ମଧ୍ୟ ହୋଇପାରିଥିଲା। କିନ୍ତୁ ଏହାର ବିକାଶ ପାଇଁ ପରବର୍ତ୍ତୀ ସମୟରେ ଯାହା କରାଯାଇଛି ତାହା ସନ୍ତୋଷଜନକ ନୁହେଁ। ଏହାର ପୁନରୁଦ୍ଧାର ସହ ନୂଆ ରୂପରେ ଷ୍ଟାଡିୟମ କରାଯିବା ପାଇଁ ପାଖାପାଖି ୧୩ କୋଟି ଟଙ୍କା ଅନୁଦାନ ଆସିଛି। ଏହା ଶେଷ ହେଲାପରେ ଷ୍ଟାଡିୟମର ରୂପରେଖ ବଦଳିଯିବ। ଷ୍ଟାଡିୟମ ଭିତରେ କ୍ରୀଡ଼ା ବିନା ଅନ୍ୟ କୌଣସି କାର୍ଯ୍ୟକ୍ରମ ହେବ ନାହିଁ ବୋଲି ବିଧାୟକ କହିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

### ଜିଲାସ୍ତରୀୟ ଓପନ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

■ ତର୍ତ୍ତଙ୍ଗ, ରୋହିଆରେ ହେବ ମଲ୍ଟି ପର୍ପୋଜ ଷ୍ଟାଡିୟମ୍

ଶ୍ରୀକାନ୍ତ ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଲବ ଚୌଧୁରୀ, କ୍ରୀଡ଼ା ସଂସଦ ଉପସଭାପତି ସାଧୁ ଚରଣ ମହାନ୍ତି ଓ ସହ ସମ୍ପାଦକ ପ୍ରସନ୍ନ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ସଂସଦ ସମ୍ପାଦକ ଦୋଳଗୋବିନ୍ଦ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ବିଧାୟକଙ୍କ ସହଯୋଗରେ କାର୍ଯ୍ୟକ୍ରମ କରାଯାଉଥିବା କହି କୃତଜ୍ଞତା ଜଣାଇଥିଲେ। ଚନ୍ଦନ ବେହେରା ଅତିଥି ପରିଚୟ ଓ ବରଦା ପ୍ରସାଦ ରାୟ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ଜିଲାରୁ ୨୭୦ ଜଣ ପ୍ରତିଯୋଗୀ ଓ ୫୨ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗ ଦେଇଥିଲେ। ପ୍ରତିଯୋଗିତା ଦୁଇ ଦିନ ଧରି ବିଭିନ୍ନ ବର୍ଗରେ ଯଥା ୧୪, ୧୬, ୧୮, ୨୦, ୨୨ ବର୍ଷରୁ କମ୍ ବାଳିକା ଓ ବାଳକଙ୍କୁ ନେଇ ଅନୁଷ୍ଠିତ ହେଉଛି। ଏଥିସହ ୨୨ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବର୍ଗରେ ଦୌଡ଼, ଡିଆଁ ଓ ଥ୍ରୋଇଂ ପ୍ରତିଯୋଗିତାମାନ କରାଯାଉଥିବା ସମ୍ପାଦକ ପ୍ରକାଶ କରିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ସାହୁ, ଧର୍ମେନ୍ଦ୍ର ଦାସ, ରଞ୍ଜନ ଭୋଇ, ସୁଶାନ୍ତ ଦାସ, ଲକ୍ଷ୍ମୀଧର ନାଥ, ପ୍ରତାପ ବେହେରା, ଅଜୟ ଭୋଇ, ଅଭୟ କୁମାର ମହାନ୍ତି, ଶୁକଦେବ ଜେନା, ମାନସ ଖଣ୍ଡୁଆଲ, ରଶ୍ମି ରଞ୍ଜନ ଦାସ, ପ୍ରମୋଦ ସ୍ୱାଇଁ ଓ ମଙ୍ଗରାଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସରେ ଶ୍ୟାମ ସୌର୍ଯ୍ୟ

ବାଲିକୁଦା ,୨୧।୧୨ (ତାପସ ସ୍ୱାଇଁ)



ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ଅନ୍ତର୍ଗତ ଡୋଭାଳ ଗ୍ରାମର ବ୍ୟାଙ୍କ ଅଧିକାରୀ ଜ୍ଞାନରଞ୍ଜନ ସ୍ୱାଇଁ ଏବଂ କ୍ରିଷ୍ଣା ସାଗରିକାଙ୍କ ସୁପୁତ୍ର ଶ୍ୟାମ ସୌର୍ଯ୍ୟ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡସରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ମାତ୍ର ୨ ବର୍ଷ ୬ ମାସରେ ଇଂଲିଶ୍ ପଜଲ ସଲ୍‌ଭିଂରେ ଆନ୍ତର୍ଜାତିକସ୍ତରରେ ଶ୍ୟାମ ଏହି ସଫଳତା ହାସଲ କରିଛନ୍ତି। ଏଥିପାଇଁ ଇଣ୍ଟରନ୍ୟାଶନାଲ ବୁକ୍ ଅଫ ରେକର୍ଡସ ତରଫରୁ ତାଙ୍କୁ ଟ୍ରଫି, ଗୋଲ୍ଡ ମେଡାଲ, ମାନପତ୍ର, ଏବଂ ଅନ୍ୟାନ୍ୟ ଶିକ୍ଷାଭିତ୍ତିକ ସାମଗ୍ରୀ ପ୍ରଦାନ କରାଯାଇଛି। ଶ୍ୟାମ ପୂର୍ବରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ନିଜ ନାମ ଲିପିବଦ୍ଧ କରିଥିଲେ। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନଆଡୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଶାରଳା, ଗୋରେଖନାଥଙ୍କୁ ଦର୍ଶନ କଲେ ଦେବୋତ୍ତର ଡେପୁଟି କମିଶନର


ପରିବାର ସହ ଦେବୋତ୍ତର ଡେପୁଟି କମିଶନର ଗୋରେଖନାଥ ପୀଠ ଦର୍ଶନ କରୁଛନ୍ତି।

ରଘୁନାଥପୁର, ୨୧।୧୨
(ରାଜେନ୍ଦ୍ର ନାରାୟଣ ସିଂହ)

ଭୁବନେଶ୍ୱରସ୍ଥିତ ଦେବୋତ୍ତର ଡେପୁଟି କମିଶନର ଦିଲୀପ କୁମାର ଶତପଥୀ ରବିବାର ମା'ଶାରଳା ଓ ଗୋରେଖନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଡେପୁଟି କମିଶନର ଶତପଥୀ ମଧ୍ୟାହ୍ନରେ ପରିବାର ସହ ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ଗୋରେଖନାଥ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସେଠାରେ ପୀଠ କିରାଣି ସରୋଜ କୁମାର ସାହାଣୀ ଉପସ୍ଥିତ ରହି ତାଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଉପଦେଷ୍ଟା କମିଟି ସଦସ୍ୟ ସୁରେନ୍ଦ୍ରନାଥ ସାହାଣୀ ଓ ସୁଶାନ୍ତ କୁମାର ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ବ୍ୟକ୍ତି ଗୋରେଖନାଥ ମନ୍ଦିର ରଙ୍ଗ କରିବା ଓ ଗେଟ ସମ୍ମୁଖ ପୀଠ ପରିସରରେ ଥିବା କିଛି ଖାଲୁଆ ସ୍ଥାନକୁ ସମତୁଲ କରିବା ପାଇଁ ଡେପୁଟି କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନତାଙ୍କ ଅଭିଯୋଗକୁ ସମ୍ମାନ ଦେଇ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ପୀଠ ଉପଦେଷ୍ଟା କମିଟି ସଦସ୍ୟ ସୁରେନ୍ଦ୍ରନାଥ ସ୍ୱାଇଁଙ୍କୁ ଡେପୁଟି କମିଶନର ଶତପଥୀ ପ୍ରକାଶ କରିଛନ୍ତି।। ଦେବୋତ୍ତର ଡେପୁଟି କମିଶନରଙ୍କ ଗସ୍ତ ଅବସରରେ ପୂଜକ ଦିଲୀପ କୁମାର ପଣ୍ଡା, ପୀଠ ଦୀପ ଦୋକାନୀ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

## ନିଆଁରେ ପାନ ଦୋକାନ ଜଳିଗଲା



ବାଲିକୁଦା,୨୧।୧୨(ତାପସ ସ୍ୱାଇଁ)

ବାଲିକୁଦା ତହସିଲ ଅନ୍ତର୍ଗତ ଆମ୍ବଶାଳ କଲ୍ୟାଣମଣ୍ଡପ ସମ୍ମୁଖ କଟକ ମାଛଗାଁ ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ପାନ ଦୋକାନରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ଅଧାରୁ ଅଧିକ ଦୋକାନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୌଭାଗ୍ୟକୁ ଦୋକାନୀ ରକ୍ଷା ପାଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟା ସମୟରେ କୌଣସି କାରଣରୁ ଆମ୍ବଶାଳ ଗ୍ରାମର ପ୍ରଦୀପ୍ତ କୁମାର ପରିଡ଼ାଙ୍କ ପାନ ଦୋକାନରେ ନିଆଁ ଲାଗି ଯାଇଥିଲା। ଏଥିରେ ଦୋକାନରେ ବିକ୍ରି ହେଉଥିବା ଅଧାରୁ ଅଧିକ ସାମଗ୍ରୀ ଜଳିଯାଇଛି। ପଡ଼ୋଶୀ ବାଲିକୁଦା ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଶର୍ଟସର୍କିଟ କାରଣରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ତେବେ ପ୍ରକୃତ କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଯାଜପୁର ଡିଡିଏମ୍‌ଙ୍କ ଦରମା ବନ୍ଦ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

ଜଗତ୍‌ସିଂହପୁର, ୨୧।୧୨ (ପ୍ରମୋଦ କୁମାର ନାୟକ)

### ବେଆଇନ ଖନନ, ବାଲି ଚୋରା ଚାଲାଣ ଓ ରାଜସ୍ୱ ହାନି ପ୍ରସଙ୍ଗ

■ ଯାଜପୁର ଜିଲାପାଳଙ୍କୁ ଜଗତ୍‌ସିଂହପୁର ଜିଲାପାଳଙ୍କ ଚିଠି

ଜଗତ୍‌ସିଂହପୁର ଜିଲାରେ ବେଧଡକ ବାଲି ଖନନ ସାଙ୍ଗକୁ ଚୋରା ଚାଲାଣକୁ ନେଇ ଜଗତ୍‌ସିଂହପୁର ଜିଲାପାଳ ଜେ. ସୋନାଲ କ୍ଷୁବ୍ଧ ହୋଇଛନ୍ତି। ବିଶେଷକରି ଖଣି ବିଭାଗ ଯାଜପୁର ସର୍କଲ ଉପ ନିର୍ଦ୍ଦେଶକ (ଡିଡିଏମ୍) ଜୟ ପ୍ରକାଶ ନାୟକଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷବ୍ୟକ୍ତ କରିଛି। ତୁରନ୍ତ ଡିଡିଏମ ନାୟକଙ୍କ ଦରମା ବନ୍ଦ ସହ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜେ.ସୋନାଲ ଶନିବାର ଯାଜପୁର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଜିଲାପାଳ ସୋନାଲ ଏଥିରେ ଦର୍ଶାଇଛନ୍ତି, ଡିଡିଏମ୍ ନାୟକ ସରକାରୀ କାର୍ଯ୍ୟରେ ଗୁରୁତର ଅବହେଳା କରିଛନ୍ତି। ଏପରିକି ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରିବାକୁ ପଛାଇନାହାନ୍ତି। ଜଗତ୍‌ସିଂହପୁର ଜିଲାରେ ବାଲି ଖନନ ଉପରେ ଉପଯୁକ୍ତ ଅନୁଧ୍ୟାନ କି ତଦାରଖ କରୁନାହାନ୍ତି। ଏ ସମ୍ପର୍କରେ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଡିଡିଏମ୍‌ଙ୍କ ନିଲମ୍ବନ ସହ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ପ୍ରସ୍ତାବ ଏବେ ସରକାରଙ୍କ ସକ୍ରିୟ ବିଚାରାଧୀନ ଅଛି। ତେଣୁ ନାୟକଙ୍କ ଦରମା ତୁରନ୍ତ ବନ୍ଦ କରାଯାଉ। ଏଥିସହ ଯାଜପୁର ଟ୍ରେଜେରି ଅଧିକାରୀଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନାୟକଙ୍କ ଦରମା ବିଲ୍ ଗ୍ରହଣ ନ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ, ଗତ ନଭେମ୍ବର ୨୫ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମହାନଦୀର କିଲିପାଳ ବାଲିଘାଟ ନିକଟରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣବେଳେ ବଡ ଧରଣର ଚଢ଼ାଉ ଯୋଗୁ ୩ଟି ଏକ୍ସଭେଟର ସମେତ ୪୬ ବାଲି ବୋଝେଇ ହାଇୱା ଜବତ ହୋଇଥିଲା। ଏହି ଘଟଣାରେ ୫ ଜଣ ଗାଡି ଚାଳକ ଓ ଜଣେ ମେକାନିକ ଗିରଫ ହୋଇଥିଲେ। ଉକ୍ତ ଚଢ଼ାଉରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଜିଲାପାଳ ଜେ. ସୋନାଲ, ଏସ୍‌ପି ଅଙ୍କିତ ବର୍ମା ଓ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ସାମିଲ ହୋଇଥିଲେ। ଏହି ଚଢ଼ାଉ ସମୟରେ ଅନେକ କିଛି ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥିଲା। ସେନେଇ ତିର୍ତ୍ତୋଲ ଥାନାରେ ମାମଲା ରୁଜୁ ସହ ତଦନ୍ତ ଚାଲିଛି। ନିୟମ ଅନୁଯାୟୀ ୧୩ ଏକର ନିଲାମ ଅଞ୍ଚଳ ଚାରିପଟେ ପାଚେରି ଖୁଣ୍ଟ ହେବା କଥା, ଯାହା ହୋଇ ନ ଥିଲା। କେବଳ ଏତିକି ନୁହେଁ,ଏକ୍ସଭେଟର ବ୍ୟବହାର ହୋଇ ନିଲାମ ଅଞ୍ଚଳ ଓ ବାହାରୁ ଗଭୀର ଭାବେ ବାଲି ଉତ୍ତୋଳନ କରାଯାଉଥିଲା। ବିଭିନ୍ନ ମାଧ୍ୟମରେ ନିଲାମଧାରୀ ବାର୍ଷିକ ୧୫,୨୮,୭୯,୩୦୦ ଟଙ୍କା ବେଆଇନ ଭାବେ ଅର୍ଥ ପାଉଥିବା ଜଣାଯାଇଥିଲା। ଏହାଦ୍ୱାରା ରାଜ୍ୟର ପ୍ରଭୂତ କ୍ଷତି ହୋଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ସେହିପରି ଗତ ୧୧ ତାରିଖରେ ଜଇପୁର ଘାଟରେ ଆଉ ଏକ ଚଢ଼ାଉ ହେବା ସହ ୨୨ଟି ହାଇୱା ଜବତ ସହ ୩ ଜଣ ଗିରଫ ହୋଇଥିଲେ। ନଦୀରେ ୧୦୦ ଟ୍ରିପ୍ ବାଲି ଗଦା ହୋଇ ରହିବା ପ୍ରସଙ୍ଗ ବାଲି ଚୋରିର ଗମ୍ଭୀରତାକୁ ବଢ଼ାଇ ଦେଇଥିଲା। ଏହା ଉପରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଜିଲା ଖଣି ଅଧିକାରୀ ସତିଶ ତରାଇଙ୍କ ବିରୋଧରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କଲା ପରେ ମାମଲା ରୁଜୁ ହୋଇଛି। ସେବେଠାରୁ ଜିଲା ଖଣି ଅଧିକାରୀ ଛୁଟିରେ ରହିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

# ଶ୍ମଶାନରେ ଗୁଣିଆଙ୍କ ତନ୍ତ୍ର ସାଧନା ଚର୍ଚ୍ଚା

### ପ୍ରେମିକାକୁ ଆପଣାଇବାକୁ ଗୁଣି ଗାରେଡ଼ି ସନ୍ଦେହ

ବାଲିକୁଦା,୨୧।୧୨(ତାପସ ସ୍ୱାଇଁ)



ବାଲିକୁଦା ବ୍ଲକ ମରିଚପୁର ଗ୍ରାମ୍ୟ ଶ୍ମଶାନରେ ଶନିବାର ବିଳମ୍ବିତ ରାତିରେ କୌଣସି ଗୁଣିଆ ତନ୍ତ୍ର ସାଧନା କରିଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ଉକ୍ତ ଶ୍ମଶାନ ନିକଟରେ ଓଷକଣା ପଞ୍ଚାୟତର ଗୋଟିଏ ପରିବାରର ୨ ଭାଇ ଭଉଣୀଙ୍କ ଫଟୋଚିତ୍ରରେ ରକ୍ତ ଓ ସିନ୍ଦୂର ଲଗାଯାଇଛି। ୨ଟି କଣ୍ଢେଇ କରି ସେଥିରେ ମଙ୍ଗଳସୂତ୍ର ପିନ୍ଧାଯାଇଛି। ଏପରିକି ସେଠାରେ ନାଲି ଶଙ୍ଖା ସିନ୍ଦୂର ସହ ମାଟିହାଣ୍ଡି ପଡ଼ିଥିବା ବେଳେ ଏକ ମୃତ ଦେଶୀ କୁକୁଡ଼ା ମଧ୍ୟ ଦେଖିବାକୁ ମିଳିଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଅପଣ୍ଡରା ପଞ୍ଚାୟତର ଜଣେ ବିବାହିତ ଯୁବକ ଭୁବନେଶ୍ୱରରେ ରୁହନ୍ତି। ସେ ଫଟୋଥିବା ଯୁବତୀଙ୍କୁ ଭୁବନେଶ୍ୱରରେ ରଖି ପାଠ ପଢ଼ାଉଥିଲେ। ତାଙ୍କୁ ନିଜର ଭାବି ତାଙ୍କ ନାମରେ ଭୁବନେଶ୍ୱରରେ ପ୍ଲଟ ଓ ଗାଡ଼ି ମୋଟର କିଣିଥିଲେ। ମାତ୍ର ଯୁବତୀ ଜଣକ ଗତ କିଛି ଦିନ ହେବ ସମ୍ପୃକ୍ତ ଯୁବକଙ୍କୁ ଧରାଛୁଆଁ ଦେଉନାହାନ୍ତି। ତେଣୁ ପ୍ରେମିକାକୁ ଆପଣାଇବା ପାଇଁ ସମ୍ପୃକ୍ତ ଯୁବକ ତନ୍ତ୍ରବିଦ୍ୟାର ସହାୟତା ନେଉଥିବା ନେଇ ଚର୍ଚ୍ଚା ହେଉଛି।

## ମଇଁଷି ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ

ରସୁଲପୁର,୨୧।୧୨(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ବଡ଼କଇଞ୍ଚ ପଞ୍ଚାୟତ କୁଆଖିଆ-ଜେନାପୁର ପୂର୍ତ୍ତ ବିଭାଗ ରାସ୍ତାର ଗୋପୀନାଥପୁର ଛକ ନିକଟରେ ଶନିବାର ରାତିରେ ଏକ ମଇଁଷି ବୋଝେଇ ପିକଭ୍ୟାନକୁ ପୋଲିସ ଜବତ କରିଛି। ବଜରଙ୍ଗ ଦଳର କର୍ମୀମାନେ ଏହ ଗାଡ଼ିକୁ ଅଟାକଇ ପୋଲିସ ଜିମା ଦେଇଥିଲେ। ଉକ୍ତ ଗାଡ଼ିରେ ୮ ମଇଁଷି ରହିଥିବା ଜଣାପଡିଥିଲା। ପୋଲିସ ନଂ.୫୪୩/୨୫ରେ ଏକ ମାମଲା ରୁଜୁ କରିବା ସହ ଗାଡ଼ି ମାଲିକଙ୍କୁ ଥାନାରେ ଅଟକ ରଖିଛି।

## ହାଇୱାକୁ ଧକ୍କା ଦେଲା ବାଇକ୍ : ୧ ମୃତ

କୁଜଙ୍ଗ,୨୧।୧୨(ମନୋଜ ପ୍ରଧାନ)

କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ବଜାରଠାରେ ଶନିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ଗ୍ରାମର ଅକ୍ଷୟ ସ୍ୱାଇଁଙ୍କ ପୁଅ ସଂଗ୍ରାମ ସ୍ୱାଇଁ(୨୬) ଓ ଗୁରୁତର ହେଲେ ଭରତ ପ୍ରଧାନଙ୍କ ପୁଅ ସରୋଜ ପ୍ରଧାନ(୩୦)। ଉଭୟ ଏକ ବାଇକ ଯୋଗେ ପାରାଦୀପର ପନ୍ଦର ନମ୍ବରରୁ ଘରକୁ ଫେରୁଥିବାବେଳେ କୁଜଙ୍ଗ ବଜାରଠାରେ ବିପରୀତ ଦିଗରୁ ପାରାଦୀପ ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ବାଲି ବୋଝେଇ ହାଇୱା ସମ୍ମୁଖପଟରୁ ଧକ୍କା ଦେଇ ବାଇକ୍ ପଛରେ ବସିଥିବା ସଂଗ୍ରାମଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବାବେଳ ସରୋଜ ଗୁରୁତର ହୋଇଥିଲେ। ସାମାଜିକ କର୍ମୀ ସୁବାସ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ବିଷୟରେ କୁଜଙ୍ଗ ଥାନା ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହାପରେ ଥାନାଧିକାରୀ ବଂଶୀଧର ପ୍ରଧାନ ଅନ୍ୟ ପୋଲିସ କର୍ମଚାରୀ ଓ ଦେବଦୂତ ସଡ଼କ ସୁରକ୍ଷା ବାହିନୀ ସଭାପତି ପଙ୍କଜ ତରାଇ ଓ ସଦସ୍ୟ ପ୍ରଭାତ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସରୋଜଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ ମୃତ ସଂଗ୍ରାମଙ୍କ ବଡଭାଇ ବିକ୍ରମ ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୪୩୯/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ତଦନ୍ତକାରୀ ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି।

# ଛୋଟ ଫୋନ ବ୍ୟବହାର ହିଁ ସବୁଠୁ ନିରାପଦ

ଜଗତ୍‌ସିଂହପୁର, ୨୧।୧୨
(ପ୍ରମୋଦ କୁମାର ନାୟକ)

### ଜଗତ୍‌ସିଂହପୁର ବରିଷ୍ଠ ନାଗରିକ ଫୋରମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନେ।

ଜଗତ୍‌ସିଂହପୁର ବରିଷ୍ଠ ନାଗରିକ ଫୋରମ୍‌ର ବାର୍ଷିକୋତ୍ସବ ସ୍ଥାନୀୟ ଠାକୁରପାଟଣାସ୍ଥିତ ରୂପଶ୍ରୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ୩ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶେଷକରି ସାଇବର ଅପରାଧ ଓ ଏଥିରୁ ସୁରକ୍ଷିତ ରହିବା ଉପରେ ସଚେତନ କରାଯିବା ସହ ଭିନ୍ନକ୍ଷମଙ୍କୁ ବିଭିନ୍ନ ଯନ୍ତ୍ର ବଣ୍ଟନ କରାଯାଇଥିଲା। ଏସ୍‌ପିଙ୍କ ପରାମର୍ଶକ୍ରମେ ଅନୁଷ୍ଠିତ ସାଇବର ସଚେତନତା କାର୍ଯ୍ୟକ୍ରମରେ ଫୋରମର ସଭାପତି ମଧୁସୂଦନ ସାହୁ ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଇନ୍‌ସପେକ୍ଟର ସବିତା ପରିଡ଼ା ସାଇବର ସଚେତନତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଇଣ୍ଟରନେଟ୍, କମ୍ପ୍ୟୁଟର, ମୋବାଇଲ ଓ ଡିଜିଟାଲ ନେଟୱର୍କ ଥିବା ତଥ୍ୟରେ ଅନଧିକୃତ ପ୍ରବେଶ, ଠକେଇ, ହ୍ୟାକିଂ ଓ ଭାଇରସ୍‌କୁ ସୁରକ୍ଷିତ ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଆଜିର ଡିଜିଟାଲ ଯୁଗରେ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍, ଶିକ୍ଷା, ବ୍ୟବସାୟ ଓ ସାମାଜିକ ମାଧ୍ୟମର ବ୍ୟବହାର ବଢ଼ିଥିବାରୁ ସାଇବର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ଶକ୍ତିଶାଳୀ ପାସ୍‌ୱାର୍ଡ ବ୍ୟବହାର, ଅଜଣା ଲିଙ୍କ୍ ଓ ଇ-ମେଲରୁ ଦୂରେଇ ରହିବା ଏବଂ ସୁରକ୍ଷିତ ସଫ୍ଟୱେର ବ୍ୟବହାର କରିବା ମାଧ୍ୟମରେ ଏହି ଅପରାଧକୁ ରୋକାଯାଇପାରେ। ସାଇବର ସୁରକ୍ଷା ଆମ ଡିଜିଟାଲ ଜୀବନକୁ ନିରାପଦ ଓ ବିଶ୍ୱାସନୀୟ କରେ ବୋଲି ଅନ୍ୟତମ ତାଲିମଦାତା ସତ୍ୟରଞ୍ଜନ ମହାନ୍ତି ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ହେଲ୍ପ ଲାଇନ ନମ୍ବର ଯଥା ସାଧାରଣ ଅଭିଯୋଗ ପାଇଁ ୧୧୨, ମହିଳା ସୁରକ୍ଷା ୧୮୧, ଟ୍ରାଫିକ ସମସ୍ୟା ୧୦୯୫, ବରିଷ୍ଠ ନାଗରିକ ଉତ୍ପୀଡ଼ନ ୧୪୫୬୭, ଶିଶୁ ସହାୟତା ୧୦୯୮, ସାଇବର ଘଟଣା ପାଇଁ ୧୦୯୮ ନମ୍ବର ଡାଏଲ କରିବାକୁ ସୂଚନା ଦିଆଯାଇଥିଲା। କୌଣସି ଅଜଣା ଲିଙ୍କ୍ ବା ଏପିକେ ଫାଇଲ୍ ନ ଖୋଲିବା ସୁରକ୍ଷା ସୁନିଶ୍ଚିତ କରେ। ତେଣୁ ଏସବୁ ପାଇଁ ସଚେତନ ରହିବାକୁ ପରାମର୍ଶ ଦିଆଯାଇଥିଲା। ଡିଜିଟାଲ ଆରେଷ୍ଟ ନାଁରେ ଠକେଇ, ଲଟେରି, ପୁରସ୍କାର ପ୍ରଭୃତି ଉଠାଣ ପାଇଁ ଟଙ୍କା ପଠେଇବା ନିର୍ବୋଧତା ଅଟେ। ପ୍ରଥମେ ସତ୍ୟାସତ୍ୟ ଅନୁସନ୍ଧାନ କରି ନିଜ ଲୋକମାନଙ୍କଠାରୁ ବୁଝି ବିଚାରି ପଦକ୍ଷେପ ନିଅନ୍ତୁ, ନଚେତ୍ ଅଡୁଆ ବଢ଼ିଯିବ। ଆବଶ୍ୟକସ୍ଥଳେ ତୁରନ୍ତ ପୋଲିସ ସହାୟତା ନିଅନ୍ତୁ। କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଅବିକଳ ରୂପ ଓ କଥା ସୃଷ୍ଟି କରି ଠକେଇ କରାଯାଉଛି। ଉଲଗ୍ନ ଝିଅ ବା ପୁଅ ସହ ଚାର୍ଟିଂ କିମ୍ବା ଭିଡିଓ କଲ୍ ବିପଦପୂର୍ଣ୍ଣ। ସାମାଜିକ ଗଣମାଧ୍ୟମରେ ଦେଖିଚାହିଁ ସମ୍ପର୍କ ସ୍ଥାପନ କରନ୍ତୁ। ସୁରକ୍ଷା ପିନ୍ ଅନ୍ ରଖି ଅନ୍‌ଲାଇନ ପେମେଣ୍ଟ ପାଇଁ ଅଲଗା ଆକାଉଣ୍ଟ ରଖନ୍ତୁ। ଛୋଟ ଫୋନ ବ୍ୟବହାର ସବୁଠାରୁ ଭଲ ଉପାୟ ବୋଲି କୁହାଯାଇଥିଲା। ଅଳ୍ପ ଟଙ୍କା ଥିବା ଆକାଉଣ୍ଟରେ ଦେଣନେଣ କରିବା ବିଜ୍ଞତାର ପରିଚୟ। ପିନ୍ ଓ ପାସ୍‌ୱାର୍ଡ ନିୟମିତ ପରିବର୍ତ୍ତନ ସୁରକ୍ଷା ଦିଏ। ସର୍ବୋପରି ସଚେତନ ହେବା ଜରୁରୀ ବୋଲି ବୁଝାଯାଇଥିଲା।

ପ୍ରାରମ୍ଭରେ କବି ପଞ୍ଚାନନ ପଲେଇ ସାଇବର କବିତା ପାଠ କରିଥିବାବେଳେ କାର୍ଯ୍ୟକାରିଣୀ ସଦସ୍ୟ ଦୀପ୍ତି ଦାସ ଧନ୍ୟବାଦ ଦେଇଥିଲେ। ଏଭଳି ଶିବିର ଅଞ୍ଚଳବାସୀଙ୍କୁ ସଚେତନ କରୁଥିବା କାର୍ଯ୍ୟକାରୀ ସଭାପତି ଭରତ ଚନ୍ଦ୍ର ନାଥ ପ୍ରକାଶ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମମାନଙ୍କୁ ମାଗଣା ତିନିଚକିଆ ସାଇକେଲ ଓ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଥିଲା। ଇତ୍ୟବସରରେ ଫୋରମ୍ ସଭାପତି ସାହୁ, ନାଟ୍ୟକାର କୈଳାସ ମଲ୍ଲିକ, ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ, ସମ୍ପାଦକ ହିତେଶ ମହାନ୍ତି, ଦିପ୍ତୀ ଦାସ, ଲିଙ୍ଗରାଜ ଲେଙ୍କା, ପଞ୍ଚାନନ ପଲେଇ, ପ୍ରମୋଦ ସାହୁ, ବୈକୁଣ୍ଠ ଚରଣ ମହାପାତ୍ର, ଦେବୀ ପ୍ରସନ୍ନ ମହାନ୍ତି, ବିଜୟ ନାୟକ, ଦିଲ୍ଲୀପ କୁମାର ଗୋଛାୟତ, ଅଜୟ କୁମାର ବାରିକ, ଅଶୋକ କୁମାର ସାହୁ ଓ ଶତ୍ରୁଘ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


GOVERNMENT OF ODISHA, "e" PROCUREMENT NOTICE
OFFICE OF THE SUPERINTENDING ENGINEER
NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E. Nayagarh (R&B) Division - Online 10/2025-26
No. B-838: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of building work as detailed in the table below:

| | | |
|---|---|---|
| 1. | Nature of Work | : Building Works |
| 2. | No. of Work | : 4 Nos. |
| 3. | Tender Cost & EMD | : To be remitted online through a process as mentioned in DTCN |
| 4. | Class of Contractor | : As mentioned in DTCN |
| 5. | Available of Bid document in the Website | : From Dt.26.12.2025 11.00 A.M. to Dt.06.01.2026 Upto 5.00 P.M. |
| 6. | Date of Opening of Bid | : Dt.07.01.2026 at 11.00 A.M. |

7. The have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.

Sd./- Superintending Engineer
Nayagarh (R&B) Division, Nayagarh
OIPR-34138/11/0028/2526

# ରହଣି ସ୍ଥଳ ଥାଇ ବି ରାଜପଥରେ ରହୁଛି ବସ୍



ଜିଲା ସଂସ୍କୃତି ଭବନ ସମ୍ମୁଖରେ ବସ୍ ରହିଛି।



ପାର୍କ ସମ୍ମୁଖ ରାଜପଥ କଡ଼ ବସ୍ ରହଣିସ୍ଥଳରେ ରହୁନାହିଁ।

■ ଟ୍ରାଫିକ୍ ଛକଠାରୁ ୧୦୦ ମିଟର ଦୂରରେ ପଡୁନି ନଜର
■ ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତ ପରେ ନାହିଁ ପଦକ୍ଷେପ

ନୟାଗଡ଼,୨୧।୧୨
(ଲୋକନାଥ ମିଶ୍ର)

ଟ୍ରାଫିକ୍ ସେବା ବିପର୍ଯ୍ୟସ୍ତକୁ ଏଡ଼ାଇବା ପାଇଁ ନୟାଗଡ଼ ଜିଲା ସଦର ମହକୁମାର ବ୍ରଜେନ୍ଦ୍ର ହାଇସ୍କୁଲ ସମ୍ମୁଖ ଓ ନାରାୟଣ ପାର୍କ ସମ୍ମୁଖରେ ୨ଟି ବସ ରହଣି ସ୍ଥଳ ମ୍ୟୁନିସିପାଲିଟି ପକ୍ଷରୁ କରାଯାଇଛି। ତେବେ ବସ୍‌ଗୁଡିକ ରହଣି ସ୍ଥଳରେ ନ ରହି ଗୋଲେଇ ଟ୍ରାଫିକ୍ ଛକଠାରୁ ପ୍ରାୟ ୧୦୦ ମିଟର ଦୂର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଜିଲା ସଂସ୍କୃତି ଭବନ କାର୍ଯ୍ୟାଳୟ ସମ୍ମୁଖରେ ରହିଛି। ଟ୍ରାଫିକ୍ ପୋଲିସର ନଜର ପଡୁ ନ ଥିବାବେଳେ ପୋଲିସର ବି ଦୃଷ୍ଟିକୁ ଆସୁନି। ସେହିପରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ମ୍ୟୁନିସିପାଲିଟି ପକ୍ଷରୁ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ବସ ରହଣି ସ୍ଥଳ ନିର୍ମାଣ ହୋଇ ନ ଥିବାବେଳେ ଯେପରି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ରହୁଥିଲା ବସ ରହଣି ସ୍ଥଳ ନିର୍ମାଣ ପରେ ବି କିଛି ପରିବର୍ତ୍ତନ ଘଟିଲାନି। ତେବେ ପ୍ରଶ୍ନ ଉଠୁଛି ବସ ରହଣି ସ୍ଥଳ କରାଯାଇ ଲାଭ କ'ଣ ହେଲା। ସରକାରୀ ଅନୁଦାନକୁ ଅଯଥାରେ ଖର୍ଚ୍ଚ କରି ଲାଭ କ'ଣ ବୋଲି କୁହାଯାଉଛି।

ଏ ନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି, ବସ ରହଣି ସ୍ଥଳ କରାଗଲା ମାନେ ସେଠାରେ ବସ ରଖାଯିବା ଦରକାର। ଯଦି ବସ୍ ରହୁନି ତେବେ ଆଞ୍ଚଳିକ ପରିବହନ ବିଭାଗ, ପୋଲିସ ଓ ମ୍ୟୁନିସିପାଲିଟି ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବା ଜରୁରୀ। କୌଣସି ବିଭାଗ ପଦକ୍ଷେପ ନେଉ ନ ଥିବାରୁ ଟ୍ରାଫିକ୍ ସେବା ସୁଧୁରିବା ବଦଳରେ ବିଗିଡି ଚାଲିଛି। ଦୁର୍ଘଟଣା ହ୍ରାସ ବଦଳରେ ବଢ଼ି ଚାଲିଛି। ନୟାଗଡ଼ ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା କହିଛନ୍ତି, ନୟାଗଡ଼ ସହରରେ ଗୋଲେଇ ଟ୍ରାଫିକ୍ ଛକ ପର୍ଯ୍ୟନ୍ତ ୱାନ ୱେ ଟ୍ରାଫିକ୍ ହୋଇଛି। ବ୍ରଜେନ୍ଦ୍ର ହାଇସ୍କୁଲ ସମ୍ମୁଖରେ ନିର୍ମାଣ କରାଯାଇଥିବା ବସ ରହଣି ସ୍ଥଳରେ ଭୁବନେଶ୍ୱରରୁ ଆସୁଥିବା ବସଗୁଡିକ ରହିବ। ସେହିପରି ନାରାୟଣ ପାର୍କ ସମ୍ମୁଖ ରହଣି ସ୍ଥଳରେ ନୟାଗଡ଼ରୁ ଭୁବନେଶ୍ୱର ଯାଉଥିବା ବସ୍‌ଗୁଡିକ ରହିବାକୁ ମ୍ୟୁନିସିପାଲିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଆଞ୍ଚଳିକ ପରିବହନ ବିଭାଗ, ପୋଲିସ ଏ ଦିଗରେ ପଦକ୍ଷେପ ନେଲେ ରାଜପଥ ଉପରେ ଜାମ ହୁଅନ୍ତା ନାହିଁ। ଅସଜଡା ଟ୍ରାଫିକ୍‌କୁ ସୁବିଧାରେ ସଜଡା ଯାଇ ପାରନ୍ତା। ତେବେ ନୟାଗଡ଼ ସହରରେ ଟ୍ରାଫିକ୍ ସେବାକୁ ସଜାଡିବାକୁ ଆନ୍ତରିକତା ନ ଥିବା ପରି ମନେ ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କୁ ପଚାରିବାରେ ବସ ରହଣି ସ୍ଥଳ ନିର୍ମାଣ କରାଯାଇଥିବାରୁ ଜାତୀୟ ରାଜପଥ ଉପରେ ବସ ରହିବା ଠିକ୍ ନୁହେଁ। ଆଞ୍ଚଳିକ ପରିବହନ ବିଭାଗ, ପୋଲିସ ଓ ମ୍ୟୁନିସିପାଲିଟି ପକ୍ଷରୁ ମିଳିତ ବୈଠକରେ ଏ ନେଇ ଆଲୋଚନା କରାଯାଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାନ୍ତିଙ୍କୁ ଚାରିବାରେ ବସ ରହଣି ସ୍ଥଳ ଥାଇ ରାଜପଥରେ ବସ ରହୁଥିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ। ଏ ନେଇ ବସ ମାଲିକଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ପରିବାରର ଶୁଭ ମନାସୀ ବାଲି ଭାତଖିଆ ପରମ୍ପରା



ବାଲି ଭାତଖିଆ ପରମ୍ପରାରେ ସାମିଲ୍ ମହିଳା।

ଖଣ୍ଡପଡ଼ା,୨୧।୧୨
(ଅଜୟ କୁମାର ମହାରଣା)

ପୁରାଣର ଲୋକ କଥାକୁ ଉଜ୍ଜୀବିତ ରଖିବା ତଥା ମନସ୍କାମନା ପୂରଣ ପାଇଁ ଶନିବାର ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ, ପତ୍ତୁରିଆ, ପାଣ୍ଡରାସିଂଗା, ଏକଡାଳ ଆଦି ଅଞ୍ଚଳର ମହିଳାମାନେ ଏକତ୍ରିତ ହୋଇ ବାଲି ଭାତଖିଆ ପରମ୍ପରାକୁ ପାରମ୍ପରିକ ରୀତିରେ ପାଳନ କରାଯାଇଛି। ପ୍ରଥାନୁସାରେ ସିଧାମୂଳା ନିକଟସ୍ଥ ମହାନଦୀ ବାଲିପଠା ଏବଂ ମହାନଦୀ ପାର୍ଶ୍ୱସ୍ଥ ବାଣେଶ୍ୱର ପାହାଡ଼କୁ ଯାଇ ଯେଝା ଯେଝା ଘରୁ ଆଣିଥିବା ଭାତ, ସାଦା ହେଉ ଅବା ଆମିଷ ତରକାରି, ବିଭିନ୍ନ ପିଠା ପଣା ଆଦି ଖାଦ୍ୟ ସାମଗ୍ରୀକୁ ଏକାଠି ରଖିଥିଲେ। ପରେ ପଠାରେ ବାଲିରେ ଓ ପାହାଡ଼ ଉପରେ ବେଦି ସ୍ଥାପନ କରି ବନ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ପରମ୍ପରାନୁସାରେ ଏଠାକୁ କୌଣସି ପୁରୁଷ ଲୋକ ଯାଇ ନ ଥାନ୍ତି। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଗନ୍ନାଥ ମହିଳା ମଣ୍ଡଳୀର ସଦସ୍ୟା ବିଳାସିନୀ ମିଶ୍ରଙ୍କୁ ପଚାରିବାରେ ପରିବାରର ଶୁଭ କାମନା ଲକ୍ଷ୍ୟରେ ପ୍ରତିବର୍ଷ ବଉଳ ଅମାବାସ୍ୟା ପରଦିନ ଏହି ପରମ୍ପରା ପାଳନ କରାଯାଏ। ବାଲିରେ ବନଦୁର୍ଗାଙ୍କୁ ସ୍ଥାପନା କରି ମହିଳାମାନେ ପୂଜାର୍ଚ୍ଚନା କରି ଭଜନ କୀର୍ତ୍ତନ କରିଥିଲେ। ଏହାଛଡ଼ା ଏହି ସ୍ଥାନକୁ କୌଣସି ପୁରୁଷ ଆସିବା ବାରଣ ଅଛି, ବିଶେଷ କରି ଯାହାଙ୍କର ସନ୍ତାନ ହେଉ ନ ଥିବ ସେମାନେ ଏଠି ମାନସିକ କରି ପୂଜା କରିଥାନ୍ତି ବୋଲି ମିଶ୍ର ସୂଚନା ଦେଇଥିଲେ। ବିଭିନ୍ନ ଗ୍ରାମର ମହିଳା ତଥା ମହିଳା ମଣ୍ଡଳୀର ସଦସ୍ୟାମାନେ ପୃଥକ୍ ଭାବେ ଏହି ପାରମ୍ପରିକ କାର୍ଯ୍ୟକ୍ରମ ପାଳନ କରୁଥିବା ପରିଲକ୍ଷିତ ହୋଇଥିଲା।

## ସେବା ପରିବାରର ବନ୍ଧୁ ମିଳନ

ନୟାଗଡ଼,୨୧।୧୨
(ଲୋକନାଥ ମିଶ୍ର)

ନୟାଗଡ଼ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ସେବା ପରିବାରର ବନ୍ଧୁମିଳନ ଉତ୍ସବ ନୟାଗଡ଼ର ପର୍ଯ୍ୟଟନ କେନ୍ଦ୍ର ଝରଦେଇ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜିଲାର ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତାଙ୍କର ସମାବେଶ ହୋଇଥିବାବେଳେ ଆଗାମୀଦିନରେ ସାରା ନୟାଗଡ଼ରେ କିଭଳି ସେବା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ଏବଂ ଯୁବକମାନଙ୍କୁ ଯୋଡ଼ାଯିବ ସେନେଇ ଆଲୋଚନା ହୋଇଥିଲା। ନୟାଗଡ଼ ଜିଲାରେ ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କୁ ନେଇ କିଭଳି ଗଠନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ ସେ ନେଇ ଅନୁରୂପ ଭାବେ ଆଲୋଚନା ହୋଇଛି। ସେବା ଉତ୍ସବ ସମିତିର ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଡା. ଅରବିନ୍ଦ ଦାଶ, ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ, ପୁରୁଷୋତ୍ତମ ମହାପାତ୍ର, ଜୟନ୍ତ୍ର ବେହେରା, ସାମାଜିକ କର୍ମୀ ବଂଶୀଧର ସାହୁ, ଯୁବ ଉଦ୍ୟୋଗୀ ଚନ୍ଦନ ସାହୁ, ସାମାଜିକ କର୍ମୀ ବିଭୂତି ପଟ୍ଟନାୟକ, ରଞ୍ଜନ ପଣ୍ଡା, ଇଟିରି ପଞ୍ଚାୟତ ସଭାପତି ସ୍ନେହ ରଞ୍ଜନ ଦାସ ଜୟସିଂହ, ଦେବଦୂତ ସେବା ପରିଷଦ ସଦସ୍ୟ ପ୍ରଭୁଦତ୍ତ ପ୍ରଧାନ, ଯୋଗବେଦାନ୍ତ ସମିତି ସଦସ୍ୟ ଅନ୍ତର୍ଯ୍ୟାମୀ ସାହୁ, ଆଇନଜୀବୀ ବିଶ୍ୱେଶ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବା ଉତ୍ସବ ସମିତି ପକ୍ଷରୁ ପ୍ରଶାନ୍ତ କୁମାର ସାହୁ, ପରମେଶ୍ୱର ସାହୁ, ଉମାକାନ୍ତ ମହାପାତ୍ର, ଗୁଲସନ ଦାସ ଓ ଦେବଦୂତ ସେବା ପରିଷଦର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ସଦସ୍ୟ।

## ବ୍ରିଗେଡିୟର ଅନ୍ତର୍ଯ୍ୟାମୀ ପ୍ରଧାନ ପୁଣି ସଭାପତି ନିର୍ବାଚିତ

### ଓଡ଼ିଶା ରାଜ୍ୟ ପୂର୍ବତନ ସୈନିକ ସଂଘର ବାର୍ଷିକ ସାଧାରଣ ଅଧିବେଶନ




ସୈନିକ ସଂଘର ବାର୍ଷିକ ସାଧାରଣ ଅଧିବେଶନରେ ଯୋଗଦେଇଥିବା ସଦସ୍ୟ।

ଓଡ଼ଗାଁ, ୨୧।୧୨
(ଆଦର୍ଶ କୁମାର ପଟ୍ଟନାୟକ)

କେନ୍ଦ୍ର ସରକାରଙ୍କ ଏକମାତ୍ର ସ୍ୱୀକୃତିପ୍ରାପ୍ତ ଓଡ଼ିଶା ରାଜ୍ୟ ପୂର୍ବତନ ସୈନିକ ସଂଘର ବାର୍ଷିକ ସାଧାରଣ ଅଧିବେଶନ ତଥା ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଭୁବନେଶ୍ୱରସ୍ଥିତ ୧୨୦ ପଦାତିକ ବାହିନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ରିଗେଡିୟର ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ଲ୍ୟଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ପୃଷ୍ଠ ପୋଷକ ମୁଖ୍ୟ ଅତିଥି, ପୂର୍ବତନ ରାଜ୍ୟ ସୈନିକ ବୋର୍ଡ ସମ୍ପାଦକ କମଡୋର ଘନଶ୍ୟାମ ଓଝା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଉପସଭାପତି ସୁବେଦାର ମେଜର ପ୍ରଶାନ୍ତ କୁମାର ଦାଶ ଓ ଆନନ୍ଦପୁର ସଭାପତି ତ୍ରିଲୋଚନ ଦାଶ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ କଲୋନେଲ ଡା. ପ୍ରଶାନ୍ତ କୁମାର ସିଂହ ବାର୍ଷିକ ବିବରଣୀ ପାଠ କରିବା ସହ ଆୟ ବ୍ୟୟ ଚିଠା ପ୍ରଦାନ କରିଥିଲେ। ସଭାପତି ପ୍ରଧାନ ସ୍ୱାଗତ ଭାଷଣ ଅବସରରେ ରାଜ୍ୟ ଓ ଜିଲା ସୈନିକ ବୋର୍ଡରେ ଅଫିସର ଏବଂ କର୍ମଚାରୀ ଅଭାବ, ପୂର୍ବ ସୈନିକ, ଅଗ୍ନିବୀରଙ୍କ ନିମନ୍ତେ ଚାକିରି ସଂରକ୍ଷଣ, ଏସ୍ଏସ୍‌ବି ଓ ଅଗ୍ନିବୀର ଚୟନ ନିମନ୍ତେ କୋଚିଂ ସେଣ୍ଟର, ସୈନିକ ସଂଘ ନିମନ୍ତେ ସ୍ଥାୟୀ ଘର, ଇସିଏଚ୍ଏସ୍ ସହ ନୂତନ ହସ୍ପିଟାଲକୁ ସାମିଲ, ନୂତନ ଇଏସ୍ଏମ୍ କ୍ୟାଣ୍ଟିନ ଆଦି ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଥିଲେ। ଉପସଭାପତି ସୁବେଦାର ମେଜର ଦାଶ ତାଙ୍କ ବକ୍ତବ୍ୟରେ ୧୨୦ ପଦାତିକ ବାହିନୀ ପରିସରରେ ସଂଘର ଉଦ୍ୟମରୁ ଇଏସ୍ଏମ୍‌ଙ୍କ ବ୍ୟବହାର ନିମନ୍ତେ ସୈନିକ ଇନଷ୍ଟିଚ୍ୟୁଟର ସୁବିଧା ଆରମ୍ଭ ହୋଇଥିବା କହିଥିଲେ। ଅନ୍ୟତମ ଅତିଥି ତ୍ରିଲୋଚନ ଦାଶ ପ୍ରତି ଜିଲାରେ ସୈନିକ ସଂଘ ନିମନ୍ତେ ୧୦ ଡିସିମିଲି ଜାଗା ସରକାର ଯୋଗାଇ ଦେବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ମୁଖ୍ୟ ଅତିଥି ଜେନେରାଲ ମହାନ୍ତି ତାଙ୍କ ଅଭିଭାଷଣରେ ସମସ୍ତ ପୂର୍ବ ସୈନିକ ନିଜ ପଦ ପଦବୀରୁ ଊର୍ଦ୍ଧ୍ୱରେ ରହି ଏକଜୁଟ ହୋଇ କେବଳ ଗୋଟିଏ ସଂଘରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଏଥିପାଇଁ ସେ ପ୍ରତି ଜିଲା ଗସ୍ତ କରିବାକୁ ସହମତି ଦେଇଥିଲେ। ମୁଖ୍ୟବକ୍ତା ଓଝା ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ସୂଚନା ପ୍ରଦାନ କରିବା ସହିତ ଖୁବ୍‌ଶୀଘ୍ର ରାଜ୍ୟ ସରକାର ଜିଲା ସୈନିକ ବୋର୍ଡ ସଂଖ୍ୟା ୮ ରୁ ୧୬କୁ ବୃଦ୍ଧି କରିବା ସହ ଏଥିରେ ଅଫିସର ଓ କର୍ମଚାରୀ ନିଯୁକ୍ତି ଦେବେ ବୋଲି ଆଶାବାଦୀ ଥିବା କହିଥିଲେ। ଜିଲା ପ୍ରତିନିଧିମାନଙ୍କ ମଧ୍ୟରୁ ଶରତ ସାହୁ ଦୂରଦୂରାନ୍ତରେ ପରିବର୍ଦ୍ଧିତ କ୍ୟାଣ୍ଟିନ ଓ ଇସିଏଚଏସ ସୁବିଧା ଉପଲବ୍ଧ କରିବାକୁ ମତ ଦେଇଥିଲେ। ଏହି ଅଧିବେଶନରେ ୨୦ ପଞ୍ଜୀକୃତ ଜିଲା ପ୍ରତିନିଧିଙ୍କ ସହିତ ବାୟୁସେନା ଆସୋସିଏଶନ ସଭାପତି ଏଆର କମଡୋର ଅରବିନ୍ଦ ମହାନ୍ତି, ନାଭାଲ ସଂଯୋଜକ ଲ୍ୟୁଟନାଣ୍ଟ ବିବି ପଣ୍ଡା ଉପସ୍ଥିତ ଥିଲେ।

ଅନ୍ୟପକ୍ଷେ ଅଧିବେଶନର ଅନ୍ତିମ ପର୍ଯ୍ୟାୟରେ ନିର୍ବାଚନ ଅଧିକାରୀ କଲୋନେଲ ଲଲାଟେନ୍ଦୁ ମହାପାତ୍ର ଓ କଲୋନେଲ ବିପି ବହିଆ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ତଦନୁସାରେ ବ୍ରିଗେଡିୟର ଅନ୍ତର୍ଯ୍ୟାମୀ ପ୍ରଧାନ ପୁଣି ସଭାପତି ନିର୍ବାଚିତ ହୋଇଛନ୍ତି। କଲୋନେଲ ପ୍ରଦ୍ୟୁମ୍ନ ପ୍ରଧାନ ବରିଷ୍ଠ ଉପ ସଭାପତି, ଅନରାରୀ ଲ୍ୟୁଟନାଣ୍ଟ ଅଶୋକ କୁମାର ଦାଶ (ନାଭାଲ) ଓ ସୁବେଦାର ମେଜର ନୃସିଂହ ଚରଣ ପଣ୍ଡା ଉପ ସଭାପତି, ଅନରାରୀ କ୍ୟାପ୍‌ଟେନ ପ୍ରତାପ ଚନ୍ଦ୍ର ଚୌଧୁରୀ ସାଧାରଣ ସମ୍ପାଦକ, ସୁବେଦାର ସନ୍ତୋଷ କୁମାର ମହାନ୍ତି ଓ ଗୋପାଳ ଚରଣ ସ୍ୱାଇଁ ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ହାବିଲଦାର ବି ଦିଲୀପ କୁମାର ପାତ୍ରଙ୍କ ନାମ ଘୋଷଣା କରିଥିଲେ। ସେହିପରି ଲ୍ୟୁଟନାଣ୍ଟ କଲୋନେଲ ଡା. ଲୋକନାଥ ସାହୁ, ଜେଡବ୍ଲୁଓ ପ୍ରଫୁଲ୍ଲ କୁମାର ଦାସ, ସୁବେଦାର ମେଜର ପ୍ରଶାନ୍ତ କୁମାର ଦାଶ, ସୁବେଦାର ପୁଷ୍କର ଚନ୍ଦ୍ର ସ୍ୱାଇଁ ଓ ହାବିଲଦାର ଶତ୍ରୁଘ୍ନ ସାହୁ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ବିଭିନ୍ନ ପ୍ରସଙ୍ଗରେ କଲୋନେଲ ଶରତ କୁମାର ମହାପାତ୍ର, ମିଡିଆ ମେମ୍ବର ଆଦର୍ଶ କୁମାର ପଟ୍ଟନାୟକ, ଶିଶିର କୁମାର ମହାନ୍ତି, ଜୟ ପ୍ରକାଶ ରଥ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାସହ ନୟାଗଡ଼ ଜିଲା ଓଡ଼ଗାଁର ଭେଟେରାନ କୀର୍ତ୍ତନ ଜେନା ଚଳିତବର୍ଷ ସମୁଦାୟ ୧୦୦ କୁଇଣ୍ଟାଲ ଧାନ ଆଦାୟ କରିଥିବାରୁ ଜୟ ଯବାନ ଜୟ କିଷାନ ସମ୍ମାନରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ଫାଇନାଲରେ ନୟାଗଡ଼ ପୁରୁଣା ସହର, ଲେଙ୍କୁଡ଼ିପଡ଼ା

### ଶୁଭମ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ

ନୟାଗଡ଼,୨୧।୧୨ (ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହରର ଦକ୍ଷୀଣକାଳୀ ପଡ଼ିଆରେ ୬ଷ୍ଠତମ ଶୁଭମ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟର ୫ମ ଦିବସରେ ୨ୟ ସେମିଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଲେଙ୍କୁଡିପଡ଼ା ୨-୧ ସେଟରେ ତୁଳସୀପୁର ଦଳକୁ ପରାସ୍ତ କରି ବିଜୟୀ ହୋଇଛି। ୨ୟ ମ୍ୟାଚରେ ନୟାଗଡ଼ ପୁରୁଣା ସହରର ମା' ଦକ୍ଷୀଣ ଭଲି କପ ୨-୧ ସେଟରେ ନୟାଗଡ଼ ପୁରୁଣା ସହରର ରାଜବାଟୀ କ୍ଲବ୍‌କୁ ପରାସ୍ତ କରି ବିଜୟୀ ହୋଇଛି। ରାକେଶ ପଟ୍ଟନାୟକ ଖେଳ ପରିଚାଳନା କରିଥିବାବେଳେ ଲାଇନସରେ ଶୁଭମ ଖୁଣ୍ଟିଆ ଓ ଅବିନାଶ ସାହୁ ସହଯୋଗ କରିଥିଲେ। ସୋମବାର ଲେଙ୍କୁଡିପଡ଼ା ବନାମ ନୟାଗଡ଼ ପୁରୁଣା ସହରର ମା' ଦକ୍ଷୀଣ ଭଲି କପ ମଧ୍ୟରେ ଫାଇନାଲ ଖେଳ ହେବ। ଖେଳରେ ମୁଖ୍ୟଅତିଥି ଭାବେ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଯୋଗଦେଇଥିବାବେଳେ ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଅତିଥି ରୂପେ ଯୋଗଦେଇଥିଲେ।

## ନୃତ୍ୟ ପ୍ରଣାମ ପକ୍ଷରୁ ୫ମ ଧୀରେନ୍ଦ୍ର ନାଥ ସ୍ମୃତି ସମ୍ମାନ ପ୍ରଦାନ




ସମାରୋହରେ ଅତିଥିଙ୍କ ଗହଣରେ କଳାକାର।

ଖଣ୍ଡପଡ଼ା,୨୧।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟ ପ୍ରଣାମ ପକ୍ଷରୁ ୫ମ ଧୀରେନ୍ଦ୍ର ନାଥ ସ୍ମୃତି ସମ୍ମାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ସ୍ଥାନୀୟ ସରପଞ୍ଚ ବାସନ୍ତୀ ବେହେରା, ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରମେଶ କୁମାର ସାହୁ, ଅନୁଷ୍ଠାନର ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଦାସ ଏବଂ ଗୁରୁ ଲିମା ଦାସ ପ୍ରମୁଖ ଯୋଗଦେଇ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ରଣପୁର, ରାଜସୁନାଖଳା, ଭୁବନେଶ୍ୱର ଏବଂ ବନମାଳୀପୁର ଅଞ୍ଚଳର କୁନି ପ୍ରତିଭା ଓଡ଼ିଶୀ, ସମ୍ବଲପୁରୀ, ଢେମ୍‌ସା ଆଦି ନୃତ୍ୟ ପରିବେଷଣ କରିଥିଲେ। ଏହାକୁ ସ୍ଥାନୀୟ ଅଞ୍ଚଳର ଶତାଧିକ ବ୍ୟକ୍ତି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ନୃତ୍ୟ ପ୍ରଣାମ ଅନୁଷ୍ଠାନ ପକ୍ଷରୁ ମନୋଜ କୁମାର ସାହୁ ଏବଂ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ସକ୍ରିୟ ସହଯୋଗ କରିଥିଲେ।

## ନୂଆ ରୂପ ନେବ ନୀଳମାଧବ ବିକାଶ ପ୍ରକଳ୍ପ

### ପ୍ରକଳ୍ପର ସ୍ଥିତି ସମୀକ୍ଷା କଲେ ସଚିବ, ଜିଲାପାଳ

ଖଣ୍ଡପଡ଼ା, ୨୧।୧୨
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀନୀଳମାଧବ କ୍ଷେତ୍ର ବିକାଶ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୧୮ ମାସ ପରିବର୍ତ୍ତେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇ ଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପନ୍ନ ହେବା ନା ଗନ୍ଧ ଧରୁନାହିଁ। ତେବେ ଶେଷ ହେବାକୁ ଯାଉଥିବା ବିକାଶ ପ୍ରକଳ୍ପର ଶେଷ ସମୀକ୍ଷା ରବିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ରାଜ୍ୟ ନିର୍ମାଣ ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଅପରପକ୍ଷରେ ଶ୍ରୀନୀଳମାଧବ ବିକାଶ ପ୍ରକଳ୍ପକୁ ଆଗାମୀ ଦିନରେ ଆହୁରି ନୂଆ ରୂପରେ ପ୍ରସ୍ତୁତ କରିବା ଲକ୍ଷ୍ୟରେ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିବା ସୂଚନା ମିଳିଛି। ସମୀକ୍ଷା କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କଣ୍ଟିଲୋଠାରେ ମିଳିତ ଭାବରେ ପ୍ରକଳ୍ପର କାର୍ଯ୍ୟକାରିତା କରିବାରେ ହୋଇଥିବା ସୁବିଧା, ଅସୁବିଧା ଓ ବିଳମ୍ବ ସମ୍ବନ୍ଧରେ ଆଲୋଚନା ଏବଂ ପର୍ଯ୍ୟାଲୋଚନା କରିଥିଲେ। ସମ୍ପୃକ୍ତ ସଂସ୍ଥା ଓଡ଼ିଶା ସେତୁ ନିର୍ମାଣ ନିଗମ ଲିମିଟେଡ଼ କର୍ତ୍ତୃପକ୍ଷ ଓ ବଂଶଲ କମ୍ପାନୀର କର୍ମଚାରୀମାନଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ବିଶେଷତଃ ଶ୍ରୀନୀଳମାଧବ ମନ୍ଦିର ବିକାଶ ପ୍ରକଳ୍ପରେ ସାମିଲ ଥିବା ଚନ୍ଦନ ପୋଖରୀ ଓ ମନ୍ଦିର ଲିଫ୍ଟ କାର୍ଯ୍ୟ ତୁରନ୍ତ ଆଲୋକୀକରଣ କରାଯିବ। ଏଥିପାଇଁ ବିଜୁଳି ଯୋଗାଣ ପାଇଁ ଦେୟ ଦାଖଲ କରାଯାଇଛି ବୋଲି ସଚିବ ସିଂ ଉପସ୍ଥିତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ଏହି ଅବସରରେ ନୟାଗଡ଼ ଜିଲାପାଳ ଅଗ୍ରୱାଲ ମନ୍ଦିରରେ ଫାଣ୍ଡି ଖୋଲିବା ସହ ପୋଲିସ ମୃତୟନ କରିବାକୁ ଏସ୍‌ପିଙ୍କ ସହିତ ଆଲୋଚନା କରିବା ସଙ୍ଗେ ସଙ୍ଗେ ମନ୍ଦିର ପରିଚାଳନା ପାଇଁ ମ୍ୟାନେଜର ଓ ପରାମର୍ଶଦାତା କମିଟି ନିଯୁକ୍ତି ବ୍ୟବସ୍ଥା କରିବାକୁ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ପରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ସୀମାନ୍ତ କଟିଲୋ ଗ୍ରାମ ଉପକଣ୍ଠରେ ଥିବା ବହୁ ପୁରାତନ କମେଇଁ ସେତୁର ପୁନଃ ନିର୍ମାଣ କରିବାକୁ ଯୋଜନା ଥିବାରୁ ଏହାକୁ ସଚିବ ସିଂ ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ସଚିବ ଓ ଜିଲାପାଳ ନୀଳମାଧବ ମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ସେହି ସମୟରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମନ୍ଦିର ଉପରେ ସଚିବଙ୍କ ସହିତ ଆଲୋଚନା କରିବା ସହ ଶ୍ରୀନୀଳମାଧବଙ୍କ ଫଟୋ ଚିତ୍ର ଉପହାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ଅତିରିକ୍ତ ଜିଲାପାଳ ରୋଜିନା ଦାଶ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରା, ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ବିଭାଗ ଯନ୍ତ୍ରୀ ରଶ୍ମି ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧାଶ୍ୟାମ କାଲୋ ଓ ସହକାରୀ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସେତୁ ନିର୍ମାଣ ନିଗମ ଲିମିଟେଡର ମୁଖ୍ୟ ଯନ୍ତ୍ରୀ ଶ୍ରୀଧର ରାଉତ, ଅଧୀକ୍ଷଣ ଯନ୍ତ୍ରୀ ମନୋଜ କୁମାର ବେହେରା, ନିର୍ବାହୀ ଅଧିକାରୀ ଚୈତନ ପ୍ରସାଦ ମାଝୀ ଓ ବଂଶଲ ଇନଫ୍ରା କମ୍ପାନୀ ପକ୍ଷରୁ କଣ୍ଟିଲୋ ପ୍ରକଳ୍ପ ପରିଚାଳକ ଇଂ. ଭକ୍ତହରି ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ସଚିବ ସଞ୍ଜୀୟ କୁମାର ସିଂ ନୀଳମାଧବ ଦର୍ଶନ କରି ଫେରୁଛନ୍ତି।

GOVERNMENT OF ODISHA, "e" PROCUREMENT NOTICE
OFFICE OF THE SUPERINTENDING ENGINEER
NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E. Nayagarh (R&B) Division - Online 10/2025-26

No. B-838: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of building work as detailed in the table below:

1. Nature of Work : Building Works
2. No. of Work : 4 Nos.
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid document in the Website : From Dt.26.12.2025 11.00 A.M. to Dt.06.01.2026 Upto 5.00 P.M.
6. Date of Opening of Bid : Dt.07.01.2026 at 11.00 A.M.
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.

Sd./- Superintending Engineer
Nayagarh (R&B) Division, Nayagarh
OIPR-34138/11/0028/2526

